R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୧୩
ତିଥି: ଚତୁର୍ଥୀ
୧୪ ଅକ୍ଟୋବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
14 October 2026, Wednesday

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

# ଶାସନ ମୁଖ୍ୟ ଭାବେ ମୋଦୀଙ୍କ ୨୫ ବର୍ଷ : କ୍ୟାବିନେଟ୍‌ରେ ସଙ୍କଳ୍ପ ପାରିତ

ଭୁବନେଶ୍ୱର, ୧୩।୧୦ (ସବ୍ୟୁ) : ଜନସାଧାରଣଙ୍କ ସେବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୫ ବର୍ଷ କାର୍ଯ୍ୟକାଳ ପୂର୍ଣ୍ଣ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟ କ୍ୟାବିନେଟ୍‌ରେ ସଙ୍କଳ୍ପ ପାରିତ କରାଯାଇଛି। କ୍ୟାବିନେଟ୍‌ରେ ପାରିତ ସଙ୍କଳ୍ପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ନରେନ୍ଦ୍ର ମୋଦୀଙ୍କ ଏହି ୨୫ ବର୍ଷର ନିରବଚ୍ଛିନ୍ନ ସେବା ଓ ସଂକଳ୍ପ ପାଇଁ ମୁଁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ଅବସରରେ ଆଜି ଓଡ଼ିଶା ରାଜ୍ୟ କ୍ୟାବିନେଟ ପକ୍ଷରୁ ଏକ ସଂକଳ୍ପ ମଧ୍ୟ ପାରିତ କରାଯାଇଛି।

ଦେଶର ଗଣତାନ୍ତ୍ରିକ ଓ ପ୍ରଶାସନିକ ଇତିହାସରେ ମୋଦୀଜୀଙ୍କ ଭଳି ନିରନ୍ତର ସେବା, ସମର୍ପଣ ଓ ସଂକଳ୍ପର ଉଦାହରଣ ବିରଳ ଓ ଅନନ୍ୟ। ତାଙ୍କର ଅସାମାନ୍ୟ ନେତୃତ୍ୱ ଓ ସେବା ମନୋଭାବ ପ୍ରତି ଦେଶର ଜନସାଧାରଣଙ୍କ ଅତୁଟ ସମର୍ଥନ ରହିଛି। ଭାରତର ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ୧୨ ବର୍ଷର ସମୟ ହେଉଛି ଦେଶର କାୟାକଳ୍ପର ସମୟ। ୨୦୧୪ ମସିହା ମେ ୨୬ ତାରିଖ ଦିନ ସେ ଦାୟିତ୍ୱ ନେବା ଦିନ ଠାରୁ ଆମ ଦେଶ ଦ୍ରୁତ ଗତିରେ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରଗତି କରିଚାଲିଛି।

ଦେଶର ଭିତ୍ତିଭୂମିର ବିକାଶ, ଶିଳ୍ପାୟନ, ଆତ୍ମନିର୍ଭରତାର ମନ୍ତ୍ର, ଯୁବଶକ୍ତିର ପ୍ରତିଭାର ଉପଯୋଗ, ଗରିବ ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆଦି ଅନେକ ପଦକ୍ଷେପ ଦ୍ୱାରା ଦେଶର ସବୁ କ୍ଷେତ୍ରରେ ପରିବର୍ତ୍ତନର ସ୍ପଷ୍ଟ ଝଲକ ପରିଲକ୍ଷିତ ହେଉଛି। ଦେଶର ପ୍ରତ୍ୟେକ ପରିବର୍ତ୍ତନରେ ବିଶ୍ୱସ୍ତରୀୟ ମାନଦଣ୍ଡ ଦୃଶ୍ୟମାନ ହେଉଛି।

ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣ କରିବା ପାଇଁ ମୋଦୀ ଜୀ, ଚାରୋଟି ପ୍ରମୁଖ ବର୍ଗକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଗୁରୁତ୍ୱ ଆରୋପ କରିଛନ୍ତି । (୯ ପୃଷ୍ଠାରେ)



## ସହରାଞ୍ଚଳରେ ବର୍ଷା ଜଳ ନିଷ୍କାସନ ପରିଚାଳନା ଲାଗି ୫୦୦ କୋଟି

ଭୁବନେଶ୍ୱର, ୧୩।୧୦ (ସବ୍ୟୁ) : ରାଜ୍ୟ କ୍ୟାବିନେଟ୍‌ରେ ୧୧ ବିଭାଗର ୧୬ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମତ୍ସ୍ୟ ପଶୁପାଳନ ବିଭାଗର ୨, ଶିଳ୍ପବିଭାଗର ୧, ବୈଷୟିକ ଶିକ୍ଷା ବିଭାଗର ୧, ଅର୍ଥ ବିଭାଗର ୧, ଇଲେକ୍ଟ୍ରୋନିକ୍ସ ଆଇଟି ବିଭାଗରେ ୧, କୃଷି ବିଭାଗର ୧, ଜଳସମ୍ପଦ ବିଭାଗର ୩, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ମତ୍ସ୍ୟସେବା କ୍ୟାଡର ପୁର୍ନଗଠନ କରାଯାଇଛି। ଭିଜନ ୨୦୩୬ -୪୭ ଲକ୍ଷ୍ୟ ହାସଲ ପାଇଁ ମାଛ ଉତ୍ପାଦନକୁ ୧୨.୭ ଲକ୍ଷ ଟନକୁ ୫୧ ଲକ୍ଷ ଟନକୁ ବୃଦ୍ଧି କରିବା ଓ ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ରପ୍ତାନୀକୁ ୫୪୦୦ କୋଟିରୁ

- ୧୧ ବିଭାଗର ୧୬ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ
- କଟକରେ ମହାନଦୀ ଜଳତଟ ବିକାଶ ଲାଗି ୧୩୩ କୋଟି
- ଯୁବକ/ଯୁବତୀଙ୍କ ଦକ୍ଷତା ବୃଦ୍ଧି ଲାଗି ୪୫୦ କୋଟି
- ତୁସ୍ତାପଲ୍ଲୀରେ ଅନ୍ତନଦୀ ଜଳାଶୟ ଲାଗି ୧୦୫ କୋଟି
- ନବମ-ଦଶମ ଶ୍ରେଣୀ ଏସ୍‌ସି-ଏସ୍‌ଟି ଛାତ୍ରଙ୍କୁ ମାଗଣା ପାଠ୍ୟ ପୁସ୍ତକ

୩୫୪୦୦ କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ଅନୁଗର୍ଗ କହିଛନ୍ତି ଯେ ସହରାଞ୍ଚଳ ବର୍ଷାଜଳ ନିଷ୍କାସନ ପରିଚାଳନା ଏବଂ ଉନ୍ନୟନ କାର୍ଯ୍ୟକ୍ରମକୁ ମଞ୍ଜୁରୀ ମିଳିଛି। ୫ ବର୍ଷର ଏହି ଯୋଜନା ଅବଧି ପାଇଁ ୫ ଶହ କୋଟି ଟଙ୍କା ମଞ୍ଜୁର କରାଯାଇଛି। କଟକରେ ମହାନଦୀ (୯ ପୃଷ୍ଠାରେ)












ନବରାତ୍ରୀ ଆସିଲେ ବିଭିନ୍ନ ମନ୍ଦିରରେ ପୂଜା ଆରମ୍ଭ ହୁଏ । ତେବେ ଭିନ୍ନ ସ୍ଥାନରେ ଅଲଗା ଅଲଗା ରୀତିନୀତିରେ ପୂଜା କରାଯାଇଥାଏ, ସେହିଭଳି ଏକ ମନ୍ଦିର ହେଲା ଜ୍ୱାଳା ଦେବୀ ମନ୍ଦିର । ହିମାଚଳର ପ୍ରସିଦ୍ଧ ଜ୍ୱାଳା ଦେବୀ ମନ୍ଦିରରେ କୌଣସି ଦେବୀ ମୂର୍ତ୍ତି ନୁହେଁ, ବରଂ ଏଠାରେ ପ୍ରାକୃତିକ ଚଟାଣର ଫାଟରୁ ବାହାରୁଥିବା ନଅଟି ଅଗ୍ନିଙ୍କୁ ପୂଜା କରାଯାଇଥାଏ । ଯାହାକୁ ମହାକାଳୀ, ଅନ୍ନପୂର୍ଣ୍ଣା, ମହାଲକ୍ଷ୍ମୀ ଏବଂ ସରସ୍ୱତୀ ସମେତ ବିଭିନ୍ନ ଦେବୀଙ୍କ ସ୍ୱରୂପ ଭାବେ ବିବେଚନା କରାଯାଏ । ଏହି ଅଖଣ୍ଡ ଜ୍ୟୋତିଗୁଡ଼ିକ ଜଳିବା ପାଇଁ କୌଣସି ତେଲ, ଘିଅ ବା ସଳିତା ବ୍ୟବହାର ହୁଏ ନାହିଁ। ଏହା ଭୂଗର୍ଭରୁ ବାହାରୁଥିବା ପ୍ରାକୃତିକ ଗ୍ୟାସ ଦ୍ୱାରା ଜଳୁଥାଏ । ଏହି ମନ୍ଦିରକୁ ମାତା ସତୀଙ୍କ ଜିହ୍ୱା ପଡ଼ିଥିବା ସ୍ଥାନ ଓ ଅଗ୍ନି ଶକ୍ତିର କେନ୍ଦ୍ର ଭାବେ ମାନ୍ୟତା ଦିଆଯାଇଥାଏ । ଏହି ମନ୍ଦିରରେ ଦେବତାଙ୍କ ସହିତ ପିତୃପୁରୁଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ପୂଜା ହୋଇଥାଏ । ନବରାତ୍ରି ସମୟରେ ବିଶେଷ ପୂଜା, କନ୍ୟା ପୂଜନ ଏବଂ ଦିନକୁ ତିନି ଥର ମାଗଣା ଖାଇବାର ବ୍ୟବସ୍ଥା ଏଠି ରହିଥାଏ । ମନ୍ଦିରର ପୌରାଣିକ କାହାଣୀ ରାଜା ଭୂମିଚନ୍ଦ୍ରଙ୍କ ସହ ଜଡ଼ିତ ଅଛି । ଯେତେବେଳେ ରାଜା ଏକ ଗାଈର ଦୁଧ ଚୋରି ହେବା ଘଟଣା ଜାଣି ସେହି ସ୍ଥାନକୁ ଖୋଜାଇଥିଲେ ଏବଂ ପରେ ସେଠାରେ ଜ୍ୱାଳା ବାହାରୁଥିବା ଦେଖି ମନ୍ଦିର ନିର୍ମାଣ କରି ମାଆଙ୍କୁ ପୂଜା କରିଥିଲେ । ଶାକଦ୍ୱୀପରୁ ଭୋଜକ ବଂଶର ଦୁଇ ବ୍ରାହ୍ମଣଙ୍କୁ ପୂଜା ପାଇଁ ଡକାଇଥିଲେ, ଯାହାଫଳରେ ଶହ ଶହ ବର୍ଷ ଧରି ଏହି ପୂଜା ବ୍ୟବସ୍ଥା କେବଳ ଭୋଜକ ପରିବାରର ବଂଶଧରମାନେ ସମ୍ଭାଳି ଆସୁଛନ୍ତି । ମନ୍ଦିରର ପରମ୍ପରା ଅନୁଯାୟୀ କେବଳ ବିବାହ ପରେ ପିତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ ହିଁ ବଂଶାନୁଗତ ଗୁରୁ ପରମ୍ପରା ଅନୁସାରେ ମୁଖ୍ୟ ପୂଜା କରିବାର ଅଧିକାର ମିଳିଥାଏ ।

**ବୟସ ବଢିବା ସହିତ ଆମର ଆଣ୍ଠୁ ଘଣ୍ଠିରେ ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ତେବେ ଏହା ଯେ କେବଳ ବୃଦ୍ଧା ଅବସ୍ଥାରେ ହେବ ତାହା ନୁହେଁ । ଏହା କମ ବୟସ ଯେପରି ୪୦ ବର୍ଷ ପରେ ମଧ୍ୟ ଏହି ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି । ତେଣୁ କିଛି ଉପାୟ ରହିଛି, ଯାହାକୁ ବ୍ୟବହାର କରି ଆପଣ ନିଜର ବୋନ୍ ହେଲ୍‌ଥକୁ ଭଲ ରଖିପାରିବେ ।**

- ସବୁବେଳେ ଆକ୍ଟିଭ ରୁହନ୍ତୁ । ମୁଣ୍ଡ ସହିତ ଶାରୀରିକ ସ୍ତରରେ ଆକ୍ଟିଭ ରହିବା ଦ୍ୱାରା ଆମର ବୋନ୍ ଷ୍ଟ୍ରଙ୍ଗ ହୋଇଥାଏ । ଆମ ଶରୀର ଏକ ଯନ୍ତ୍ରଭଳି ତେଣୁ ଏହାର ସବୁ ଅଙ୍ଗର ବ୍ୟବହାରର ଆବଶ୍ୟକତା ରହିଛି । ସେଥିପାଇଁ ସବୁବେଳେ ଗୋଟିଏ ସ୍ଥାନରେ ବସି ନରହି ଚଲାବୁଲା ଏବଂ କିଛି ଶାରିରୀକ ପରିଶ୍ରମ କରନ୍ତୁ ।
- ହାଡକୁ ସୁସ୍ଥ ରଖିବା ପାଇଁ ଆଉ ଏକ ଉପାୟ ହେଲା ନିଜର ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ` ଅଧିକ ଓଜନ ଆପଣଙ୍କର ହାଡ ପାଇଁ ସମସ୍ୟା ପାଲଟିପାରେ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ ।
- ଆଉ ଏକ ଉପାୟ ହେଲା ନିଜକୁ ହାଇଡ୍ରେଟ୍ ରଖନ୍ତୁ । ହାଡକୁ ସୁସ୍ଥ ରଖିବା ପାଇଁ ପାଣି ଅଧିକ ପିଅନ୍ତୁ । ପାଣି କମିଲେ ହାଡ ବିନ୍ଧା ହେବାର ସମ୍ଭାବନା ବେଶି ରହିଥାଏ । ପାଣି ପିଇବା ଦ୍ୱାରା ଆମ ଶରୀରରେ ସାଇନୋଭିଆଲ ନାମକ ଏକ ଫ୍ଲୁଇଡ୍ ନିଗର୍ତ ହୋଇଥାଏ, ଯାହା ଆମର ଆଣ୍ଠୁ ଗଣ୍ଠିକୁ ଶକ୍ତ କରିଥାଏ ।



### ଘାଟିକିଆ ଓ ଗାଡ଼କଣଠାରେ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପର ଲୋକାର୍ପଣ

# ପ୍ରତ୍ୟେକ ବର୍ଗଙ୍କୁ ସମ୍ମାନର ସହିତ ପକ୍କା ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ, ଶ୍ରମିକ ମାନେ ସୁଲଭ ଅବାସ ପାଇ ପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘାଟିକିଆ ଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୧୨ଟି




ଅତ୍ୟାଧୁନିକ ଖେଳ ପଡିଆ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପରେ ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେବଳ ଘର ନିର୍ମାଣ ନୁହେଁ, ବରଂ ଶୌଚାଳୟ, ପାଇପ୍ ଯୋଗେ ପିଇବା ପାଣି, ବିଦ୍ୟୁତ୍ ଏବଂ ରନ୍ଧନ ଗ୍ୟାସ ଯୋଗାଇ ଦେଇ ଗରିବ ପରିବାରଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଛନ୍ତି । ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୨ ଲକ୍ଷରୁ ଅଧିକ ଘର ମଞ୍ଜୁର ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ପ୍ରାୟ ପାଞ୍ଚ ଲକ୍ଷ ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଲଥିଆ, ତମାଣ୍ଡୋ, ନଖରା, ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଣ୍ଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଞ୍ଚରେ ଉପସ୍ଥିତ ରହି ଘାଟିକିଆସ୍ଥିତ 'ନୀଳକଣ୍ଠେଶ୍ୱର ରେସିଡେନ୍ସି'ର ହିତାଧିକାରୀ ଲକ୍ଷ୍ମୀଧର ସେଠୀ, ନଇମୁଦ୍ଦିନ ଖାନ୍, ରାମଚନ୍ଦ୍ର ସେଠୀ ଓ ରସିକ ଖଣ୍ଡାୟତରାୟ ଏବଂ ଗାଡ଼କଣାସ୍ଥିତ 'ମୁକ୍ତେଶ୍ୱର ରେସିଡେନ୍ସି'ର ନିର୍ମଳା ବାରିକ, ଶଶ୍ମିତା ପାତ୍ର, ରୂପା ସାହୁ ଓ ଦ୍ରୌପଦୀ ଦେବୀଙ୍କୁ ସିଧା ସଳଖ ଭାବେ ବାସଗୃହ ଆବଣ୍ଟନ କରିଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ବୁଦ୍ଧବିହାର ବାସିନ୍ଦା ତୁଳସୀ ତିରିଆଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଦୁର୍ଗା ଚରଣ ସିଂହଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ରଶ୍ମିକା ନାଏକଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କା, ସର୍ବେଶ୍ୱର ଗୟାଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ପ୍ରଫୁଲ୍ଲ ମହାରଣାଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କାର ବ୍ୟାଙ୍କ ଋଣ ସହାୟତା ରାଶି ମଧ୍ୟ ନିଜ ହସ୍ତରେ ବିତରଣ କରିଛନ୍ତି । ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡ଼ିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ସମସ୍ତ ବସ୍ତି ବାସିନ୍ଦାଙ୍କୁ ସୁନ୍ଦର ତଥା ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖିଛନ୍ତି, ଯାହାଦ୍ୱାରା କେହି ବି ସେମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ । ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଓ ଏକାମ୍ର ବିଧାୟକ ବାବୁ ସିଂ ଓ ମେୟର ସୁଲୋଚନା ଦାସ ଉତ୍ସବରେ ଉପସ୍ଥିତ ଥିଲେ । BDAର ଭାଇସ୍ ଚେୟାରମ୍ୟାନ୍ ତଥା ଭୁବନେଶ୍ୱର ମହାନଗର ନିଗମ କମିଶନର୍ ଚଞ୍ଚଲ ରାଣା ସ୍ୱାଗତ ଭାଷଣ ଦେଇଥିଲେ ଓ BDAର ସଚିବ ମାନସ ରଞ୍ଜନ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ୮ ଜଣ ବିଜେଡ଼ି ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲା

## ନୂତନ ବେଞ୍ଚ୍ ରେ ଆରମ୍ଭ ହେଲା ଶୁଣାଣି

କଟକ,(ସବ୍ୟୁ): ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଭୋଟ୍ ଦେଇଥିବା ୮ ଜଣ ବିଜେଡ଼ି ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ମାମଲାର ଶୁଣାଣି ଆଜି ହାଇକୋର୍ଟର ନୂତନ ବେଞ୍ଚ୍ ରେ ଶୁଣାଣି ହୋଇଛି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଇଜିଲାସରେ ଏହି ଶୁଣାଣି ହୋଇଥିଲା । ଏହି ମାମଲାର ମେରିଟ୍ ଆଧାରରେ ଶୁଣାଣି ହେବ କି' ଏହି ମାମଲାକୁ ପୁନର୍ବାର ବାଚସ୍ପତିଙ୍କ ନିକଟକୁ ଶୁଣାଣି ପାଇଁ ପଠାଯିବ ଏହା ଉପରେ ଅଦାଲତ ଆଜି ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ଗତ ମାର୍ଚ୍ଚରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ଦଳୀୟ ହ୍ୱିଇପ୍‌କୁ ଅମାନ୍ୟ କରି ବିଜେଡ଼ିରୁ ଜିତିଥିବା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼, ରମାକାନ୍ତ ଭୋଇ, ସୁବାସିନୀ ଜେନା, ନବକିଶୋର ମଲ୍ଲୀକ, ଚକ୍ରଧର କଅଁର ପ୍ରମୁଖ କ୍ରସ୍ ଭୋଟିଂ କରିଥିଲେ । ଏହିସବୁ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ପ୍ରଥମେ ବିଜେଡ଼ି ପକ୍ଷରୁ ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଇଥିଲା । ୮ ବିଧାୟକ ଦଳୀୟ ହ୍ୱିଇପ୍ ନମାନି ଦଳ ନିଷ୍ପତ୍ତି ବିରୋଧରେ ଯାଇଥିବାରୁ ସମ୍ବିଧାନର ଦଶମ ପରିଚ୍ଛେଦ ଅନୁଯାୟୀ ସେମାନଙ୍କର ସଭ୍ୟପଦ ରଦ୍ଦ କରିବାକୁ ଦାବି କରାଯାଇଥିଲା । ମାତ୍ର ଗତ ଜୁନ୍ ୨୨ରେ ବାଚସ୍ପତି ସୁରମା ପାଢ଼ୀ ଏହି ଆବେଦନକୁ ଖାରଜ କରି ଦେଇଥିଲେ । ବାଚସ୍ପତିଙ୍କ ଏହି ଆଦେଶ ବିରୋଧରେ ବିଜେଡ଼ିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲୀକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରଥମେ ଏହି ମାମଲାର ଶୁଣାଣି ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କ ଇଜିଲାସରେ ହୋଇଥିଲା । କିନ୍ତୁ ଏହି ଅଦାଲତ ମାମଲାର ଶୁଣାଣି ପାଇଁ ମନା କରି ଦେଇଥିଲେ । ଫଳରେ ମାମଲା ମୁଖ୍ୟ ବିଚାରପତିଙ୍କ ନିକଟକୁ ଯିବା ପରେ ଆଜି ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଇଜିଲାସରେ ଶୁଣାଣି ଆରମ୍ଭ ହୋଇଛି । ବିଜେଡ଼ି ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ କାନୁନ୍‌ଗୋ ମାମଲା ପରିଚାଳନା କରୁଥିଲାବେଳେ ଆଇନଜୀବୀ ଆଶିଷ ମିଶ୍ର ସହଯୋଗ କରୁଛନ୍ତି ।

### ଛାତ୍ର ସଂସଦ ନିର୍ବାଚନ

## ସରିଲା ପ୍ରଚାର, ମୁଁ କାହିଁକି ଠିଆ ହୋଇଛି ବୈଠକ ଆଜି

ଭୁବନେଶ୍ୱର, (ସବ୍ୟୁ) : ଦିନକ ପରେ ଛାତ୍ର ସଂସଦ ନିର୍ବାଚନ ମତଦାନ । ମଙ୍ଗଳବାର ପ୍ରଚାର ସରିଥିବା ବେଳେ ବୁଧବାର ମୁଁ କାହିଁକି ଠିଆ ହୋଇଛି ବୈଠକ ଆଜି । ବିଭିନ୍ନୟୁନିଭରସିଟି ଓ କଲେଜରେ ଥିବା ସମସ୍ୟାକୁ ନେଇ ଇସ୍ତାହାରପତ୍ର ମଧ୍ୟ ବଣ୍ଟା ସରିଛି । ହେଲେ ମୁଁ କ'ଣ ପାଇଁ ପ୍ରତିଦ୍ୱନ୍ଦିତା କରୁଛି ବୈଠକରେ ବିଭିନ୍ନ କ୍ୟାମ୍ପସ୍‌ରେ ଥିବା ସମସ୍ୟା ସମ୍ପର୍କରେ ପ୍ରାର୍ଥୀମାନେ ତାଙ୍କ ମତ ରଖିବେ । ସେହି ବୈଠକ ଅଭିଭାଷଣରେ ଭୋଟର ଛାତ୍ରଛାତ୍ରୀଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ଉଦ୍ୟମ କରିବେ । ରାଜଧାନୀ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ରାଜ୍ୟରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜମାନଙ୍କରେ ପ୍ରାୟ ତ୍ରିମୁଖୀ ଲଢେଇ ହେଉଛି । ଛାତ୍ର କଂଗ୍ରେସ, ଛାତ୍ର ବିଜେଡି ଓ ଏବିଭିପି ପ୍ରଚାର ଶେଷ ଦିନରେ ମଙ୍ଗଳବାର ର୍‍ୟାଲି, ଶୋଭାଯାତ୍ରା ସାଙ୍ଗକୁ କ୍ୟାମ୍ପସ୍‌ରେ ଖାଦ୍ୟପେୟ ବାଣ୍ଟୁଥିବା ଦେଖିବାକୁ ମିଳିଛି ।

ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ର ବିଜେଡି ଓ ଏବିଭିପି ପକ୍ଷରୁ ଶୋଭାଯାତ୍ରା ଆୟୋଜନ କରାଯାଇଥିବା ବେଳେ ଛାତ୍ର କଂଗ୍ରେସ ପକ୍ଷରୁ କାର୍ ର୍‍ୟାଲି କରାଯାଇଥିଲା । କାର୍ ର୍‍ୟାଲିରେ ୫୦ରୁ ଊର୍ଦ୍ଧ୍ୱର୍ କାର୍ ସାମିଲ ହୋଇଥିବା ବେଳେ ବ୍ୟାନର ପ୍ରଭୃତି ପ୍ରଦର୍ଶନ କରାଯିବା ସହ ଛାତ୍ର କଂଗ୍ରେସ ସପକ୍ଷରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ ପ୍ରାର୍ଥୀ ଓ ସମର୍ଥକମାନେ । ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ପ୍ରାର୍ଥୀମାନେ ଡିଜେ ତାଳେ ତାଳେ ର୍‍ୟାଲିରେ ଯାଉଥିବା ବେଳେ ସମର୍ଥକମାନେ ତାଙ୍କ ସହ ନାଚି ନାଚି ଯାଉଥିବା ଦେଖିବାକୁ ମିଳିଥିଲା । ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଶୈଳବାଳା କଲେଜରେ ମଧ୍ୟ ଭୋଟରଙ୍କ ମନ ଜିଣିବା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ରେଭେନ୍ସା ପ୍ରାର୍ଥୀମାନେ ପ୍ରଚାର ଶେଷ ଦିନରେ ଭୋଟରଙ୍କ ମନ ନେବା ପାଇଁ କ୍ଲାସ୍‌ରୁମ୍ ଓ କମନ୍ ରୁମ୍‌ରେ ପ୍ରଚାର କରିଥିବା ଲକ୍ଷ୍ୟ କରାଯାଇଥିଲା । ଫକୀର ମୋହନ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ପାଖରେ ଥିବା ମଣ୍ଡପକୁ ଭଡାରେ ନେଇ ସେଠି ଭୋଟରଙ୍କୁ ଏକତ୍ରିତ କରି ମନ ନେବା ପାଇଁ ବୈଠକ କରିବେ ବୋଲି ସୂଚନା ମିଳିଛି । କାରଣ ମୁଁ କ'ଣ ପାଇଁ ପ୍ରତିଦ୍ୱନ୍ଦିତା କରୁଛି ବୈଠକ ପରେ କ୍ୟାମ୍ପସ୍‌ରେ କୌଣସି ପ୍ରକାର ପ୍ରଚାର କରିହେବ ନାହିଁ । ନିୟମ ଅନୁଯାୟୀ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପ୍ରଚାର ଶେଷ ହୋଇଛି ।

ବିଭିନ୍ନ କ୍ୟାମ୍ପସ୍‌ରେ ଚିକେନ୍, ମଟନ ସାଙ୍ଗକୁ ଗୁପ୍‌ଚୁପ୍, ଚାଟ୍, ଦହିବରା ପ୍ରଭୃତିର ଆସର ଜମିଥିବା ଦେଖିବାକୁ ମିଳିଛି । ଭୋଟରଙ୍କ ମନ ନେବା ପାଇଁ ବିଭିନ୍ନୟୁନିଭରସିଟି ଓ କଲେଜରେ ସେଲିବ୍ରିଟିମାନଙ୍କୁ ପ୍ରଚାରରେ ସାମିଲ କରାଯାଇଥିବା ଜଣାପଡ଼ିଛି । ପ୍ରଚାର ଶେଷ ଦିନରେ ହିଂସା ପାଇଁ ଦୁଇଟି କଲେଜରେ ନିର୍ବାଚନ ବାତିଲ କରାଯାଇଛି । ସମୁଦାୟ ରାଜ୍ୟର ୧୦ଟି କଲେଜରେ ନିର୍ବାଚନ ବାତିଲ ହୋଇଗଲା । ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ସାଇନ ଏ ଡାଏ ଘୋଷଣା କରାଯାଇ ନିର୍ବାଚନ ବାତିଲ ହୋଇଥିବା ସୂଚନା ମିଳିଛି । ପ୍ରଚାର ଶେଷ ଦିନରେ ସବୁ ସଙ୍ଗଠନ ପକ୍ଷରୁ ପ୍ରଚାର ଜୋର୍‌ଦାର କରାଯିବା ସହ ଭୋଟରଙ୍କ ମନ ନେବା ପାଇଁ ଜାନ୍ ଲଗାଇ ଦେଇଛନ୍ତି ପ୍ରାର୍ଥୀ ।

## କଟକରୁ ଏସ୍‌ଟିଏ କାର୍ଯ୍ୟାଳୟ ସ୍ଥାନାନ୍ତର ଚର୍ଚ୍ଚା ଓଡିଶା ଜନତା କଂଗ୍ରେସର ବିରୋଧ

କଟକ, (ସ୍ୱପ୍ର) : ସରକାର କଟକ ସହରକୁ ଶ୍ରୀହୀନ କରିବା ପାଇଁ ଯେଉଁ ଅପଚେଷ୍ଟା କରୁଛନ୍ତି, ତାହାକୁ କଟକବାସୀ ବରଦାସ୍ତ କରିବେ ନାହିଁ । କଟକରେ ଥିବା ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯିବା ଚର୍ଚ୍ଚାକୁ ନେଇ ଆଜି ତୀବ୍ର ବିରୋଧ ଦେଖିବାକୁ ମିଳିଛି । ଏହି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଜନତା କଂଗ୍ରେସ, କଟକ ସହର ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କଟକରୁ ଗୋଟିଏ ପରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଅନ୍ୟତ୍ର ନିଆଯିବା ଐତିହାସିକ ସହରର ଗୌରବ ଉପରେ କୁଠାରାଘାତ




ବୋଲି ଶ୍ରୀମତୀ ବେହେରା ଅଭିଯୋଗ କରିଥିଲେ । ଏହା ପରେ ଏକ ପ୍ରତିନିଧି ଦଳ ପରିବହନ କମିଶନର ଅମିତାଭ ଠାକୁରଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ । ଆଲୋଚନା ପରେ ପରିବହନ କମିଶନର ଶ୍ରୀ ଠାକୁର ସ୍ପଷ୍ଟ କରିଛନ୍ତି ଯେ, କଟକରୁ ଏହି କାର୍ଯ୍ୟାଳୟ ସ୍ଥାନାନ୍ତର ହେବାର କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହି ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏଭଳି କୌଣସି ଗୁଜବ ବା ମିଥ୍ୟା ଖବର ଉପରେ ବିଶ୍ୱାସ ନକରିବାକୁ ସେ କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କେଦାର ପୃଷ୍ଟି, ଓଜେସି ବ୍ଲକ ସଭାପତି ଲକ୍ଷ୍ମୀପ୍ରକାଶ ମହାପାତ୍ର, ଅଜିତ କୁମାର ବେହେରା ଓ ସୁରଜିତ ସାହୁ, ଶରତ ଚନ୍ଦ୍ର ଶେଠୀ, ଚନ୍ଦନ ଦାସ, ଦେବୀ ପ୍ରସନ୍ନ ମହାପାତ୍ର, ଶୋନୁ ସ୍ୱାଇଁ, ଶୟଦ ରାମଜନ ଅଲ୍ଲୀ, ମୀର ମୁଜାଫର ଅଲ୍ଲୀ, ପୂର୍ଣ୍ଣିମା ବେହେରା, ଶିଳା ସାହା, ଅନିତା ବେହେରା, ରାଜଶ୍ରୀ ରାୟ, ସ୍ୱାଗତିକ ମହାପାତ୍ର, ସେକ ବାବାଜାନୀ, ପଲ୍ଲବୀ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ ।

3001/65/2627
ଓଡ଼ିଶା ସରକାର
ଅଷ୍ଟମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ - ୨୦୨୬
ଅଷ୍ଟମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ- ୨୦୨୬, ତା ୪ ଡିସେମ୍ବର, ୨୦୨୬ ରିଖ ଠାରୁ ତା ୧୪ ଡିସେମ୍ବର, ୨୦୨୬ ରିଖ ପର୍ଯ୍ୟନ୍ତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର ଠାରେ ଆୟୋଜିତ ହେବାକୁ ଯାଉଅଛି । ସମସ୍ତ ଆଗ୍ରହୀ ପୁସ୍ତକ ପ୍ରକାଶକ, ବିକ୍ରେତା ଏବଂ ବ୍ୟବସାୟୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଧାରିତ ଫର୍ମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ୍‌ରୁ ଡାଉନଲୋଡ କରି ନିମ୍ନରେ ପ୍ରଦତ୍ତ ଇମେଲ୍‌ରେ ପ୍ରେରଣ କରିବେ ଅଥବା ବ୍ୟକ୍ତିଗତ ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟାଳୟରେ ପୈଠ କରିପାରିବେ ।
ଦୂରଭାଷ : ୭୯୭୮୬୭୭୨୪୮
ଇ-ମେଲ :- odishastatebookfair@gmail.com
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ https://culture.odisha.gov.in/ ଦେଖନ୍ତୁ
ଷ୍ଟଲ ସଂରକ୍ଷଣ ଶେଷ ତାରିଖ ୧୬-୧୧- ୨୦୨୬
OIPR: 3001/3029/2/26-27/0021



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

### କଳାହାଣ୍ଡି ଓ ରାୟଗଡ଼ାରେ ନିର୍ଭରଯୋଗ୍ୟ ଆଲୋକ ଓ ପାନୀୟ ଜଳ

# ବ୍ୟବସ୍ଥା ପାଇଁ ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ସୌର ଭିତ୍ତିଭୂମି ସ୍ଥାପନ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲାର ଅନେକ ଗ୍ରାମରେ ସୌରଶକ୍ତି ଚାଳିତ ଷ୍ଟ୍ରିଟ୍‌ଲାଇଟ୍ ଏବଂ ନିରାପଦ ପାନୀୟ ଜଳର ଉପଲବ୍ଧତା ବୃଦ୍ଧି କରାଯାଇଛି। ୨୦ଟି ଗ୍ରାମରେ ୧୪୬ଟି ସୌର ଷ୍ଟ୍ରିଟ୍ ଲାଇଟ୍ ୟୁନିଟ୍ ସ୍ଥାପନ କରିବା ସହିତ କମ୍ପାନୀ ୭ଟି ଗ୍ରାମରେ ସୌର ଶକ୍ତି ଚାଳିତ ପାନୀୟ ଜଳ ସୁବିଧା ମଧ୍ୟ ସ୍ଥାପନ କରିଛି। ମିଳିତ ଭାବେ ଏହି ପଦକ୍ଷେପଗୁଡ଼ିକ ୩୦୦୦ ରୁ ଅଧିକ ଲୋକଙ୍କୁ ଉପକୃତ କରିବ ଏବଂ ସେମାନଙ୍କର ଆବଶ୍ୟକତାକୁ ସମାଧାନ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

ଓଡ଼ିଶାର ସିଜିମାଳି ଅଞ୍ଚଳର ଅନେକ ଗ୍ରାମରେ ରାସ୍ତା ଏବଂ ସର୍ବସାଧାରଣ ସ୍ଥାନରେ ସୂର୍ଯ୍ୟାସ୍ତ ପରେ ମହିଳା, ଶିଶୁ ଏବଂ ବୟସ୍କଙ୍କ ପାଇଁ ସୀମିତ ଆଲୋକରେ ଯାତାୟତରେ ଅସୁବିଧା ସୃଷ୍ଟି କରୁଥିଲା। ବର୍ତ୍ତମାନ ଉନ୍ନତ ଆଲୋକ ବ୍ୟବସ୍ଥା ଏହିସବୁ ଅଞ୍ଚଳକୁ ସନ୍ଧ୍ୟା ସମୟରେ ନିରାପଦ ଏବଂ ସହଜ ଯାତାୟତରେ ସାହାଯ୍ୟ କରୁଛି। ଏହି ପ୍ରୟାସ ସହିତ ବେଦାନ୍ତ ଆଲୁମିନିୟମ ସୌର ଶକ୍ତି ଚାଳିତ ପାନୀୟ ଜଳ ସୁବିଧା ପ୍ରଦାନ କରି କଳାହାଣ୍ଡି ଏବଂ ରାୟଗଡ଼ାର ସାତଟି ଗ୍ରାମରେ ନିରାପଦ ପାନୀୟ ଜଳ ଯୋଗାଉଛି ଯାହା ପରିବାରଗୁଡ଼ିକୁ ସେମାନଙ୍କ ଘର ନିକଟରେ ସ୍ୱଚ୍ଛ ଏବଂ ବିଶୁଦ୍ଧ ଜଳ ପହଞ୍ଚାଇବାରେ ସାହାଯ୍ୟ କରିବ। ଦୈନନ୍ଦିନ ଘରୋଇ ଆବଶ୍ୟକତାକୁ ସମର୍ଥନ କରିବା ପାଇଁ ଏହି ସୁବିଧା ସିଜିମାଳି ଆଖପାଖର ଗ୍ରାମୀଣ ଭିତ୍ତିଭୂମିକୁ ମଜବୁତ କରିବା ସହିତ ଏକ ଅତ୍ୟାବଶ୍ୟକୁ ଉନ୍ନତ କରିବାରେ ସାହାଯ୍ୟ କରୁଛି।



ବେଦାନ୍ତ ଆଲୁମିନିୟମର ଆଲୁମିନା ବିଜନେସ୍ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଓଡ଼ିଶାର ଅଭିବୃଦ୍ଧି କାହାଣୀ ଏହାର ସମ୍ପ୍ରଦାୟର ପ୍ରଗତି ସହିତ ଘନିଷ୍ଠ ଭାବରେ ଜଡିତ। ଯେହେତୁ ଆମେ ଏହି ଅଞ୍ଚଳରେ ଆମର ଉପସ୍ଥିତିକୁ ସୁଦୃଢ଼ କରୁଛୁ, ଆମେ ବିଶ୍ୱାସ କରୁ ଯେ ଲୋକଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ସୃଷ୍ଟି କରିବା ପାଇଁ ଅର୍ଥପୂର୍ଣ୍ଣ ବିକାଶ ଶିଳ୍ପ କାର୍ଯ୍ୟକଳାପ ବାହାରେ ବିସ୍ତାର ହେବା ଆବଶ୍ୟକ। ଏହି ପଦକ୍ଷେପ ମାଧ୍ୟମରେ, ଆମେ ଅତ୍ୟାବଶ୍ୟକ ଭିତ୍ତିଭୂମି, ଅକ୍ଷୟ ଶକ୍ତି ଏବଂ ଆମର କାର୍ଯ୍ୟକଳାପ ଆଖପାଖର ଆଖପାଖ ଗାଁ ପାଇଁ ଉନ୍ନତ ଜୀବନଧାରଣ ସ୍ଥିତି ଉପରେ ଧ୍ୟାନ ଦେଉଛୁ, ଯାହା ଓଡ଼ିଶା ପାଇଁ ଏକ ଅଧିକ ସମାବେଶୀ ଏବଂ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ କରୁଛି। ଏହି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଆଲୁମିନିୟମର ସିଜିମାଳି ବକ୍ସାଇଟ୍ ଖଣି ଗୋଷ୍ଠୀ କଲ୍ୟାଣ, ସ୍ଥାୟୀ ଭିତ୍ତିଭୂମି ଏବଂ ଦାୟିତ୍ୱବାନ ଖଣି କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ମଜବୁତ କରିବା ଜାରି ରଖିଛି। ଓଡ଼ିଶାର ବ୍ୟାପକ ଅଭିବୃଦ୍ଧି ସହିତ ସ୍ଥାନୀୟ ବିକାଶର ପ୍ରାଥମିକତାଗୁଡ଼ିକୁ ଯୋଡ଼ିବା ଦ୍ୱାରା, କମ୍ପାନୀର ଲକ୍ଷ୍ୟ ହେଉଛି ଗ୍ରାମୀଣ ସମ୍ପ୍ରଦାୟରେ ଯୋଗଦାନ କରିବା ଏବଂ ଶିଳ୍ପ ବିକାଶର ଲାଭ ଏହାର କାର୍ଯ୍ୟକ୍ଷେତ୍ର ଆଖପାଖରେ ରହୁଥିବା ଲୋକଙ୍କ ପାଇଁ ସୁନିଶ୍ଚିତ କରିବା।

# କିମ୍ସରେ ସଫଳ କର୍ନିଆ ପ୍ରତିରୋପଣ

ଭୁବନେଶ୍ୱର,(ସବ୍ୟୁ): କିମ୍ସରେ ସଫଳତାର ସହ ଏକ କର୍ନିଆ ପ୍ରତିରୋପଣ କରାଯାଇଛି। ପ୍ରଥମ ଥର ଲାଗି କିମ୍ସରେ ଏଭଳି ପ୍ରତିରୋପଣ ସଫଳତାର ସହ କରାଯାଇଛି। ଆଖିରେ ସଂକ୍ରମଣ ଯୋଗୁଁ ଗତ ତିନି ବର୍ଷ ଧରି ଡାହାଣ ଆଖିର ପ୍ରାୟ ଦୃଷ୍ଟିଶକ୍ତି ହରାଇଥିବା ଜନୈକ ୩୭ ବର୍ଷୀୟ ରୋଗୀଙ୍କଠାରେ ଏହି ପ୍ରତିରୋପଣ କରାଯାଇଛି। ଅସ୍ତ୍ରୋପଚାର ପରେ ତାଙ୍କ ଦୃଷ୍ଟିଶକ୍ତିରେ ଉଲ୍ଲେଖନୀୟ ଉନ୍ନତି ଘଟିଛି। କିମ୍ସ ଚକ୍ଷୁ ବିଶେଷଜ୍ଞ ଡା. ଅକ୍ଷିତ ଗୁପ୍ତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଅସ୍ତ୍ରୋପଚାର କରିଥିଲେ। ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିବା ଏହି ଅସ୍ତ୍ରୋପଚାର ସ୍ଥାନୀୟ ନିଶ୍ଚେତକ ପ୍ରୟୋଗ କରି କରାଯାଇଥିଲା। ଡା. ଗୁପ୍ତାଙ୍କ ସୂଚନା ଅନୁଯାୟୀ, ପ୍ରାୟ ତିନି ବର୍ଷ ପୂର୍ବେ ଆଖିରେ ସଂକ୍ରମଣ ହେବାରୁ ରୋଗୀଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ପ୍ରାୟ ହରାଇଥିଲେ। ଏହି ପ୍ରଥମ କର୍ନିଆ ପ୍ରତିରୋପଣର ସଫଳତା କିମ୍ସରେ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଗତ ସପ୍ତାହରେ କିମ୍ସକୁ କର୍ନିଆ ପ୍ରତିରୋପଣ ପାଇଁ ସରକାରୀ ଅନୁମତି ମିଳିଥିଲା। ଏହି ଅସ୍ତ୍ରୋପଚାର ପାଇଁ ଆବଶ୍ୟକ ବିଶେଷଜ୍ଞ ଓ ଚିକିତ୍ସା ସୁବିଧା ଥିବା ଓଡ଼ିଶାର ହାତଗଣତି ଡାକ୍ତରଖାନା ମଧ୍ୟରେ କିମ୍ସ ଅନ୍ୟତମ ବୋଲି ବୋଲି ଡା ଗୁପ୍ତା କହିଛନ୍ତି। ଭାରତରେ ପ୍ରାୟ ୧୦ ଲକ୍ଷ ଲୋକଙ୍କର କର୍ନିଆ ପ୍ରତିରୋପଣ ଆବଶ୍ୟକ ଥିବା ବେଳେ ଆବଶ୍ୟକତା ତୁଳନାରେ ଦାନରେ ମିଳୁଥିବା କର୍ନିଆର ସଂଖ୍ୟା ଯଥେଷ୍ଟ କମ୍। ତେଣୁ ଚକ୍ଷୁଦାନ ସଂପର୍କରେ ଜନସଚେତନତା ବୃଦ୍ଧି ସହ ଅଧିକରୁ ଅଧିକ ଲୋକ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି। ଏହି ଅସ୍ତ୍ରୋପଚାରରେ ଡା. ଅକ୍ଷିତ ଗୁପ୍ତା, ଡା. ମାଡୁଲି ଦାସ ଓ ଡା. ସୁଭାଙ୍ଗୀ ସାହୁଙ୍କ ସମେତ ଲୋଚନା ତ୍ରିପାଠୀ ଓ ଶ୍ୟାମଳୀ ରାଉତରାୟ ପ୍ରମୁଖ ସାମିଲ ଥିଲେ। ଅସ୍ତ୍ରୋପଚାର ପରେ ରୋଗୀଙ୍କ ଦୃଷ୍ଟିଶକ୍ତିରେ ଉଲ୍ଲେଖନୀୟ ସୁଧାର ଆସିଥିବା ଡା. ସୁଭାଙ୍ଗୀ ସାହୁ ସୂଚନା ଦେଇଛନ୍ତି। ତେବେ ଦୃଷ୍ଟିର ସ୍ୱଚ୍ଛତା ଆହୁରି ବଢ଼ିବା ପାଇଁ ଦୁଇରୁ ତିନି ସପ୍ତାହ ସମୟ ଲାଗିପାରେ।



### ଭାରତୀୟ ବିଦ୍ୟାଭବନର ୨୦୪ତମ ସଂସ୍କରଣ

## ଡ଼କ୍ଟର ଚିତ୍ତରଞ୍ଜନଙ୍କ ଓଡିଶୀ ନୃତ୍ୟ ଓ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀଙ୍କ ଶ୍ରୀ ଜଗନ୍ନାଥ କଥାମୃତରେ ଦର୍ଶକ ଭାବମୋହିତ

ଭୁବନେଶ୍ୱର (ସବ୍ୟୁ): ଭାରତୀୟ ବିଦ୍ୟା ଭବନ ଓ ଇଂଫୋସିସ ଫାଉଣ୍ଡେସନ ମିଳିତ ସହଯୋଗର ୨୦୪ତମ ସଂସ୍କରଣ ସହ ତତ୍ତ୍ୱଦର୍ଶୀ ନୃତ୍ୟ ରସିକଙ୍କ ଦ୍ୱାରା ଖାରବେଳ ନଗରସ୍ଥିତ ମୁନସୀ ହଲ ଥିଲା ଭରପୁର ସମାଗମ। "ଶ୍ରୀଜଗନ୍ନାଥ ଲୀଳାମୃତ" ଓ "ଶ୍ରୀ ଜଗନ୍ନାଥ ଆମ ଅସ୍ମିତା " ଆଧ୍ୟାତ୍ମିକ ସନ୍ଧ୍ୟାର ପ୍ରଥମେ ମଞ୍ଚ ଭାବମୟ ହୋଇଥିଲା ଓଡିଶୀ ନୃତ୍ୟ "ଆହେନୀଳ ଶଇଳ" ଶ୍ରୀ ନୀଳାଦ୍ରୀବିହାରୀଙ୍କ ପହଣ୍ଡି ନୃତ୍ୟରେ। ଅନ୍ତଃରାଷ୍ଟ୍ରୀୟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀଙ୍କ ନିଜସ୍ୱ ନୃତ୍ୟ ସଂଯୋଜନାର ନିଖୁଣ ପ୍ରଦର୍ଶନ ଓ ସଂଗୀତରେ ଗୁରୁ ରାମହରି ଦାସଙ୍କ ଗୁରୁ ଗମ୍ଭୀର କଣ୍ଠସ୍ୱର , ଗୁରୁ ସଚ୍ଚିଦାନନ୍ଦ ଦାସ (ପଖଉଜ ) ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ (ସୀତାର ) ଶ୍ରୀନିବାସ ( ବଂଶୀ ) ସହ ଲବଣ୍ୟମୟ ଓଡିଶୀ ନୃତ୍ୟରେ ଅଙ୍ଗଭଙ୍ଗୀର କମନୀୟ ଲାଳିତ୍ୟପୂର୍ଣ୍ଣ ଅଭିନୟ ପରିବେଷଣ ବିଭୂଚେତନା ଭରିଦେଇଥିବା ବେଳେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଶ୍ରୀଜଗନ୍ନାଥ ଆମ ଓଡ଼ିଆର କୁଳଦେବତା, ଜନ୍ମରୁ ଜୁଇ ଶ୍ରୀଜଗନ୍ନାଥ ଓଡ଼ିଆର ପରମ ଆଶ୍ରୟ ଉପରେ ଆଲୋଚନା କରି ସନ୍ଧ୍ୟାକୁ ଆହୁରି ରସମୟ କରିଦେଇଥିଲେ। ସଂସ୍କୃତି ସନ୍ଧ୍ୟାର ଅତିଥି ମେଜର ଜେନେରାଲ ତଥା ଭାରତୀୟ ବିଦ୍ୟା ଓ ସଂସ୍କୃତି ନିର୍ଦ୍ଦେଶକ ଅତନୁ ପଟ୍ଟନାୟକ, କର୍ନେଲ ତଥା ଭାରତୀୟ ବିଦ୍ୟାଭବନ ଭୁବନେଶ୍ୱର ଶାଖାର ସମ୍ମାନିତ ସଚିବ ଶ୍ରୀଯୁକ୍ତ ପ୍ରଦୀପ କୁମାର ପଟ୍ଟନାୟକ, ଡ଼କ୍ଟର ଶାନ୍ତନୁ କୁମାର ରଥ, ଆଧ୍ୟାତ୍ମବାଦୀ ସୃଜନୀକାର ପୀତବାସ ରାଉତରାୟ, ପ୍ରଫେସର ଡ଼କ୍ଟର ବିନାୟକ ରଥ, ନିର୍ଦ୍ଦେଶକ ତଥା ବରିଷ୍ଠ ନାଟ୍ୟକାର ଓ କଳା ସଂଯୋଜକ ମନ୍ମଥ କୁମାର ଶତପଥି , କାର୍ଯ୍ୟାଳୟ ଅଧିକ୍ଷକ ରଂଜିତ କୁମାର ବିଶ୍ୱାଳ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସମ୍ମାନିତ କରିବା ସହ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀଙ୍କ ଓଡିଶୀ ନୃତ୍ୟ ଓ ଓଡ଼ିଆ ସାହିତ୍ୟ ଜୀବନକୁ ଭୂୟସୀ ପ୍ରଶଂସା କରିବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।



### ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ପାଳିତ

## ପ୍ରାରମ୍ଭିକ ରୋଗ ଚିହ୍ନଟ, ଚିକିତ୍ସା ହିଁ ଜୀବନର ଚାବିକାଠି

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ରୁମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଣ୍ଠି ସ୍ୱାସ୍ଥ୍ୟ ସଚେତନତା ନିମନ୍ତେ ଏକ ଶୋଭାଯାତ୍ରା (ୱାକାଥନ୍) ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଆର୍ଥ୍ରାଇଟିସ୍ ଆଣ୍ଡ ରୁମାଟୋଲୋଜି ସେଣ୍ଟର(ଓଏଆରସି) ପରିସରରୁ ବାହାରି ଏହି ଶୋଭାଯାତ୍ରା ରୂପାଲୀ ଛକ ପର୍ଯ୍ୟନ୍ତ ଯାଇଥିଲା। ଗଣ୍ଠି ଯନ୍ତ୍ରଣାକୁ ଅଣଦେଖା ନ କରି ସମୟୋଚିତ ଚିକିତ୍ସା କରାଇଲେ ରୋଗରୁ ମୁକ୍ତି ମିଳିପାରିବ ବୋଲି ଏଥିରେ କୁହାଯାଇଥିଲା। ମୁଖ୍ୟ ଅତିଥି ଡାକ୍ତର ବିଜୟ କୁମାର ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଡାକ୍ତର ମନୋଜ ଛୋଟରାୟ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଓଏଆରସିର ମେଡିକାଲ ଡାଇରେକଟର୍ ପ୍ରଫେସର ଡାକ୍ତର ଜ୍ୟୋତି ରଞ୍ଜନ ପରିଡ଼ା ପ୍ରାରମ୍ଭିକ ରୋଗ ଚିହ୍ନଟ ଏବଂ ସଠିକ୍ ଚିକିତ୍ସାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ସଚେତନତା ଏବଂ ସକ୍ରିୟ ଜୀବନଶୈଳୀ ଆପଣାଇବା ପାଇଁ ଏହି କାର୍ଯ୍ୟକ୍ରମରେ ବାର୍ତ୍ତା ଦିଆଯାଇଥିଲା।




## ଡ଼ଙ୍ଗାରୁ ଖସି ମତ୍ସ୍ୟଜୀବୀ ମୃତ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ନିକଟ ଚିଲିକାରେ ମାଛ ମାରୁଥିବା ଅବସ୍ଥାରେ ସୋମବାରସନ୍ଧ୍ୟାରେ ଡ଼ଙ୍ଗାରୁ ଖସିପଡି ଜଣେ ମତ୍ସ୍ୟଜୀବିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ମଙ୍ଗୁଳି ବେହେରା (୬୦)। ଚନ୍ଦ୍ରାପୁଟ ଗ୍ରାମର ପ୍ରାୟ ୧୦ ଜଣ ମତ୍ସ୍ୟଜୀବି ୨ଟି ଡ଼ଙ୍ଗାରେ ସୋମବାର ଅପରାହ୍ନରେ ମାଛ ମାରିବା ପାଇଁ ଚିଲିକାକୁ ଯାଇଥିଲେ। କଳିଯୁଗେଶ୍ୱର ପାହାଡ଼ ନିକଟ ଚିଲିକାରେ ଜାଲ ବିଛାଇଥିଲେ। ସନ୍ଧ୍ୟାପ୍ରାୟ ୮ଟାରେ ହଠାତ ପବନ ବୋହିବା ସହ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ ପବନ ଯୋଗୁଁ ମଙ୍ଗୁଳି ଭାରସାମ୍ୟ ହରାଇ ଡ଼ଙ୍ଗାରୁ ଖସିପଡି ଚିଲିକାରେ ବୁଡି ଯାଇଥିଲେ। ବର୍ଷା କମିବା ପରେ ଦୂରରେ ଅନ୍ୟ ଡ଼ଙ୍ଗାରେ ମାଛ ମାରୁଥିବା ସାଥି ମତ୍ସ୍ୟଜୀବିମାନେ ମଙ୍ଗୁଳିକୁ ନ ପାଇ ସନ୍ଦେହରେ ପାଣିରେ ପଶି ଖୋଜାଖୋଜି କରିଥିଲେ। କିଛି ସମୟ ପରେ ଗଭୀର ପାଣିରୁ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନା ଆଣିଥିଲେ।

# ଆଇଆର୍‌ସି ଭିଲେଜରେ ଦୁର୍ଗାପୂଜା ପ୍ରସ୍ତୁତି

ଭୁବନେଶ୍ୱର, (ସବ୍ୟୁ): ଆଇ.ଆର.ସି. ଭିଲେଜ୍ ଅଞ୍ଚଳ (ଏନ୍-୧ ରୁ ଏନ୍-୬, ଭି.ଆଇ.ପି. ଏରିଆ, ଜୟଦେବ ବିହାର, ଏକାମ୍ର ଭିଲ୍ଲା, ରେଣ୍ଟାଲ କଲୋନୀର କିଛି ଅଞ୍ଚଳ) ଏବଂ ଏଥୁ ସନ୍ନିହିତ ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ-୧୫, ୨୫ ଓ ୨୭ର ସମସ୍ତ ବରେଣ୍ୟ ବୁଦ୍ଧିଜୀବୀ, ମୁରବି, ଯୁବ-ଛାତ୍ରମାନଙ୍କ ମିଳିତ ମତାମତ ତଥା ସ୍ୱୀକୃତିକୁ ଆଧାରକରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଶାରଦୀୟ ଦୁର୍ଗାପୂଜା ଆଡ଼ମ୍ବରପୂର୍ଣ୍ଣ ଭାବରେ ଆୟୋଜନ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଆମ୍ଭ ଆଇ.ଆର.ସି. ଭିଲେଜ୍ ଦୁର୍ଗାପୂଜା ସମିତି ହାତକୁ ନେଇଥିଲା। ମାତ୍ର ବଧିବଧ ଭାବରେ ସମିତିର ପଞ୍ଜିକରଣ କାର୍ଯ୍ୟ ବିଳମ୍ବ ହେବାରୁ ଏବଂ ମାଟି ଅନୁକୂଳ କାର୍ଯ୍ୟ ସମ୍ପାଦନ ହୋଇ ଯାଇଥିବାରୁ, ବାଧ୍ୟହୋଇ ମା ଦୁର୍ଗାଙ୍କର ଶାରଦୀୟ ପୂଜା ଚାକଚକ୍ୟ ତଥା ଆଡ଼ମ୍ବରପୂର୍ଣ୍ଣ ଭାବରେ ନକରି କେବଳ ବିଧି ଅନୁଯାୟୀ ପୂଜା ପଦ୍ଧତିକୁ ଅନୁପାଳନ କରି କ୍ଷୁଦ୍ର ଭାବରେ ପାଳନ କରାଯାଉଛି। ଜନସାଧାରଣଙ୍କ ଧାର୍ମିକ ତଥା ମାର୍ମିକ ବିଚାର ଓ ଭାବଧାରା ଆମ ଆଇ.ଆର.ସି. ଭିଲେଜ୍ ଦୁର୍ଗାପୂଜା ସମିତି ପାଇଁ ଅତୁଟ ଥିବାରୁ ଆଗାମୀ ଦିନରେ ମା'ଙ୍କର ଏହି ଶାରଦୀୟ ପୂଜା ପରିବର୍ତ୍ତିତ ହୋଇ ଦୀର୍ଘଜୀବୀ ହୋଇପାରିବ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ସଂମ୍ପାଦକ ରାଜକିଶୋର ସାମନ୍ତରାୟ ,ଉପସଭାପତି ଅଶୋକ କୁମାର ରାଜ,ଜୟପ୍ରକାଶ ଦାସ,ଆଇନ୍ ଉପଦେଷ୍ଟା ମିତ୍ରଭାନୁ ମହାପାତ୍ର ଙ୍କ ସମେତ ସାଧନା ଚୌଧୁରୀ ,ଅନୁପମା ସାମନ୍ତରାୟ ଙ୍କ ସମେତ କମିଟିର ଅନ୍ୟ ସଦହ୍ୟ ଉପସ୍ଥିତ ଥିଲେ।




# ଯେଉଁଠି ହାରିବେ, ସେଠି କଲେଜ ନିର୍ବାଚନ ବନ୍ଦ କରୁଛନ୍ତି ସରକାର: ଛାତ୍ର କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ଉତ୍ତର କୋରିଆର ଶାସକ ଯେପରି ଜିତିବା ସମ୍ଭବ ହେଲେ ଯାଇ ନିର୍ବାଚନ କରନ୍ତି, ଓଡ଼ିଶାର ବିଜେପି ସରକାର କଲେଜ ନିର୍ବାଚନକୁ ମଧ୍ୟ ସେଭଳି ସ୍ଥିତିକୁ ଆଣିଲେଣି। ଯେଉଁ ଯେଉଁ କଲେଜରେ ବିଜେପି ସମର୍ଥିତ ଏବିଭିପି ପ୍ରାର୍ଥୀ ନାହାନ୍ତି କିମ୍ବା ଥିଲେ ମଧ୍ୟ ଜିତିବା ସମ୍ଭାବନା କମ ସେହି କଲେଜ ମାନଙ୍କରେ କିଛି ନା କିଛି ଆଳ ଦେଖାଇ ନିର୍ବାଚନକୁ ବାତିଲ କରିଦେଉଛନ୍ତି। ଯଦି ୮ ବର୍ଷ ପରେ ଛାତ୍ରସଂସଦ ନିର୍ବାଚନ ହେଲା, ପ୍ରଥମରୁ ୨୦୨ କଲେଜରେ ନିର୍ବାଚନ ବାତିଲ କଲେ। ଏବେ ବିଭିନ୍ନ ଆଳ ଦେଖାଇ ଗୋଟିଏ ପରେ ଗୋଟିଏ କଲେଜରେ ନିର୍ବାଚନ ବନ୍ଦ କରାଯାଉଛି। ଏହା ଅଗଣତାନ୍ତ୍ରିକ ବୋଲି ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଛାତ୍ରକଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର ବର୍ଷିଛନ୍ତି। ସେ କହିଛନ୍ତି, ନର୍ଲା, ବାଙ୍କୀ ପରି ନିର୍ବାଚନମଣ୍ଡଳୀ, ଯେଉଁଠାରେ ବିଜେପି ତିନି ନମ୍ବର ସ୍ଥାନରେ ଅଛି, ସେ ସବୁ କଲେଜର ନିର୍ବାଚନକୁ ବାତିଲ କରାଯାଇଥିବା ଉଦାହରଣ ସ୍ପଷ୍ଟ। ଅନ୍ୟ ପକ୍ଷରେ ୨୪ ବର୍ଷ ଏକାଦିକ୍ରମେ କ୍ଷମତାରେ ବିଜେଡି ରହିବା ସତ୍ତ୍ୱେ ଶିକ୍ଷା ପାଇଁ କିଛି ନ କରି ଏବେ ବିଜୁ ଛାତ୍ର ଜନତା ଦଳ ପାଇଁ ଇସ୍ତାହାର ପ୍ରକାଶ କରିବା ହାସ୍ୟାସ୍ପଦ। ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ଏନଏସୟୁଆଇର ଇସ୍ତାହାର ଉନ୍ମୋଚନ କରି ଶ୍ରୀ ମହାପାତ୍ର କହିଥିଲେ, ରାଜ୍ୟର ସବୁଠୁ ଗୌରବମୟ ଉଚ୍ଚ ଶିକ୍ଷାନୁଷ୍ଠାନ ବାଣୀବିହାର ଅଶାନ୍ତ ହେଉଛି କାହିଁକି। ଆମ ଇସ୍ତାହାର ତାଙ୍କ ବିଫଳତାକୁ ଦର୍ଶାଉଛି। ହଷ୍ଟେଲରେ ଯେପରି ଭଲ ଖାଦ୍ୟ ମିଳିବ, ଇ-ଲାଇବ୍ରେରୀ ବ୍ୟବସ୍ଥା ସହଜ ହେବ, ବାଣୀବିହାର ଛାତ୍ରଛାତ୍ରୀ ଯେଭଳି ନିଃଶୁ ଯାତାୟାତ କରିପାରିବେ ସେଥିପାଇଁ ବସ ବ୍ୟବସ୍ଥା, କ୍ରୀଡ଼ାର ଉନ୍ନତି ପାଇଁ ବ୍ୟବସ୍ଥା ଆଦି ଉକ୍ତ ଇସ୍ତାହାରରେ ସ୍ଥାନ ପାଇଛି। ଏହାଛଡ଼ା, କ୍ୟାମ୍ପସରେ ହାଇସ୍ପିଡ ୱାଇଫାଇ ବ୍ୟବସ୍ଥା, ଆବଶ୍ୟକ ସ୍ଥଳେ ଷ୍ଟାରଲିଙ୍କ ବ୍ୟବସ୍ଥା କରାଇବା ପାଇଁ ଛାତ୍ରକଂଗ୍ରେସ ଆନ୍ଦୋଳନ କରିବ ବୋଲି ସେ କହିଥିଲେ। ଯୁଗ ଆସିକି କୋଉଠି ହେଲାଣି ଅଥଚ ଆମ ଇଣ୍ଟରନେଟର ଚକ୍ରି ଘୁରୁଛି ଯେ ଘୁରୁଛି। ଯଦି ବଡ଼ବଡ଼ ଟାୱାର ବସାଇ ହାଇସ୍ପିଡ ଇଣ୍ଟରନେଟ ଦିଆଯାଇପାରୁନି, ସାଟେଲାଇଟ ଜରିଆରେ ତାହା କରାଯାଇପାରିବ ବୋଲି ସେ କହିଥିଲେ। ପ୍ରତ୍ୟେକ କ୍ୟାମ୍ପସ କପଲ-ଫ୍ରେଣ୍ଡଲି ହେବ ଓ ୧୪ ଫେବୃଆରି ଭାଲେଣ୍ଟାଇନ୍ସ-ଡେ'ରେ ବଜରଂଗ ଦଳ ପୁଅଝିଅଙ୍କୁ ଏକାଠି ଦେଖିଲେ ମାଡ଼ ମାରିବା ବନ୍ଦ କରାଯିବ। ପୁଅଝିଅଙ୍କ ସମ୍ପର୍କକୁ କଦର୍ଥ କରି ସେମାନଙ୍କୁ ମାଡ଼ ମାରିବା ଅଧିକାର କିଏ ଦେଲା। ତିନିବର୍ଷ ତଳେ କେନ୍ଦ୍ରାପଡ଼ାରେ ପୁଅଝିଅଙ୍କୁ କିଭଳି ମାଡ଼ ମରାଯିବା ଘଟଣାକୁ ସେ ମନେ ପକେଇ ଦେଇଥିଲେ।




## ନେକ୍ସସ୍ ଏସପ୍ଲାନେଡ୍‌ରେ ଟ୍ରେଣ୍ଡସ୍‌ର ନୂଆ ଷ୍ଟୋର

ଭୁବନେଶ୍ୱର, (ସବ୍ୟୁ): ରିଲାଏନ୍ସ ରିଟେଲ୍ର ପୋଷାକ ଓ ଫ୍ୟାଶନ୍ ଆକ୍ସେସରିଜ୍ ବ୍ରାଣ୍ଡ ଟ୍ରେଣ୍ଡସ୍ ପକ୍ଷରୁ ଭୁବନେଶ୍ୱରର ନେକ୍ସସ୍ ଏସ୍ପ୍ଲାନେଡ୍ ମଲ୍ରେ ନବୀକୃତ ଷ୍ଟୋର୍ର ପୁନଃଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଓଡ଼ିଶାର ୨୦ ଜଣ ଲୋକପ୍ରିୟ ଇନଫ୍ଲୁଏନ୍ସର ଯୋଗଦେଇ ନୂଆ ଫ୍ୟାଶନ୍ କଲେକ୍ସନ୍ ଓ ଷ୍ଟୋରର ନୂତନ ପରିବେଶ ବୁଲି ଦେଖିଥିଲେ। ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଷ୍ଟୋର୍ ପକ୍ଷରୁ ସ୍ୱତନ୍ତ୍ର ପୁନଃଶୁଭାରମ୍ଭ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଠାରେ ଉନ୍ନତମାନର ଫେସନ ମର୍ଚ୍ଚାଣ୍ଡାଇଜର ଉତ୍ସାହଜନକ ରେଞ୍ଜ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଏହି ନବିକୃତ ଷ୍ଟୋରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ରି-ଲଞ୍ଚ ଅଫର ରହିଛି।

# ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ଏନ୍‌ଏସ୍‌ଏସ୍ ପୂଜା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ଅକ୍ଟୋବର ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସାତଦିନିଆ ଏନ୍‌ଏସ୍‌ଏସ୍ ପୂଜା ସ୍ୱତନ୍ତ୍ର ଶିବିର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଶିବିରର ପ୍ରଥମ ଦିନରେ ଓଡ଼ିଶା ସରକାରଙ୍କ ଏସ୍‌ଏନ୍‌ଓ-ତଥା-ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ସାତଦିନ ମଧ୍ୟରେ ପ୍ରାୟ ୭୦ ଜଣ ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ ଇଞ୍ଜଣାରେ ସାଇବର ସୁରକ୍ଷା, ନିଶା ନିବାରଣ ଓ ବାଳିକା ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ସଡ଼କ ସୁରକ୍ଷା, ରକ୍ତଦାନ, ସ୍ୱଚ୍ଛତା, ପରିବେଶ ସୁରକ୍ଷା, ମହିଳା ସୁରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରୀତିଯୁଗୀୟ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ସାହିତ୍ୟକୃତି ଉପରେ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ଆଲୋଚନାଚକ୍ର ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯାହାକୁ ଅଭିମନ୍ୟୁ ସାମନ୍ତସିଂହାର ସ୍ମୃତି ସଂସଦ ର ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଉଦଘାଟନ କରିଥିଲେ। 'ଶତାବ୍ଦୀର ସ୍ୱପ୍ନ— ଓଡ଼ିଶା ୨୦୩୬, ଭାରତ ୨୦୪୭' କାର୍ଯ୍ୟକ୍ରମରେ ସମାଜସେବୀ ତଥା ଏନ୍‌ଏସ୍‌ଏସ୍ ପ୍ରଶିକ୍ଷକ ମଧୁ ଭାଇ ଯୋଗଦେଇ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ଜୟଶ୍ରୀ ବାଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ରାଉତଙ୍କ ମାର୍ଗଦର୍ଶନରେ ଏବଂ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ମଧୁସ୍ମିତା ମହାନ୍ତି ଓ ପୁରୁଷ ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଧନଞ୍ଜୟ ଭୂୟାଁଙ୍କ ସମନ୍ୱୟରେ ଶିବିରଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଏହି ଶିବିର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସମାଜସେବା, ଶୃଙ୍ଖଳା ଓ ଜନକଲ୍ୟାଣର ଭାବନାକୁ ସୁଦୃଢ଼ କରିଥିଲା।



## ହାଇକୋର୍ଟ ପରିସରରେ ଦୁଇଟି ଇ-ସେବା ଶୁଭାରମ୍ଭ
## ଜନସାଧାରଣଙ୍କ ଦୁଆରେ ପହଞ୍ଚିବ ନ୍ୟାୟିକ ସେବା

କଟକ,(ସବ୍ୟୁ): ନ୍ୟାୟିକ ସେବାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଓଡ଼ିଶା ହାଇକୋର୍ଟ ପରିସରରେ ଦୁଇଟି ଇ-ସେବା ଯାନର ଶୁଭାରମ୍ଭହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଅନ୍ୟ ବିଚାରପତିମାନଙ୍କ ଉପସ୍ଥିତିରେ ଏହି ଯାନ ଦୁଇଟିର ଲୋକାର୍ପଣ କରାଯାଇଛି। ସୁପ୍ରିମ୍‌କୋର୍ଟଙ୍କ ଇ- କମିଟି ପକ୍ଷରୁ ଏହି ଦୁଇଟି ଇ-ସେବା ଯାନ ଓଡ଼ିଶା ହାଇକୋର୍ଟକୁ ପ୍ରଦାନ କରାଯାଇଛି। ଏହି ଯାନ ମାଧ୍ୟମରେ ଜନସାଧାରଣ ନିଜ ଅଞ୍ଚଳର ନିକଟବର୍ତ୍ତୀ ସ୍ଥାନରେ ବିଭିନ୍ନ ନ୍ୟାୟିକ ସେବା ପାଇପାରିବେ। ଏଥିରେ ବିଚାରାଧୀନ ମାମଲାର ସ୍ଥିତି ଯାଞ୍ଚ, ନୂତନ ମାମଲା ଦାୟର, ନକଲ ପାଇଁ ଆବେଦନ, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ ମାମଲାର ସମାଧାନ ସମ୍ପର୍କିତ ସେବା ସହ ଆଇନ ସଚେତନତା ଭଳି ସୁବିଧା ଉପଲବ୍ଧ ହେବ। ଇ-ସେବା ଯାନ ଦୁଇଟି ମଧ୍ୟରୁ ଗୋଟିଏ ଫୁଲନଖରା ନିକଟବର୍ତ୍ତୀ ଅଡ଼ାଳିଆ ଗ୍ରାମକୁ ଯାଇଥିବାବେଳେ ଅନ୍ୟଟି ଜଗତପୁର ଥାନା ଅଧୀନସ୍ଥ ପାଗା ସାପ୍ତାହିକ ହାଟରେ ପହଞ୍ଚିଥିଲା। ସେଠାରେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ପଦକ୍ଷେପ ଦ୍ୱାରା ଲୋକମାନେ ନିଜ ଅଞ୍ଚଳରେ ନ୍ୟାୟିକ ସେବା ସମ୍ପର୍କରେ ଜାଣିବା ସହ ଏହାର ସୁବିଧା ହାସଲ କରିପାରିବେ।

# ଉଚ୍ଚ ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ବିଜେପି ସରକାର ପ୍ରତିବଦ୍ଧ : ଅନୀଲ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ଦେଶରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ହୋଇଛି। ୨୦୧୪-୧୫ ମସିହା ପୂର୍ବରୁ ଦେଶରେ ୭୬୦ଟି ବିଶ୍ୱବିଦ୍ୟାଳୟ ଥିଲା। ଆଜି ସାରା ଭାରତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ୧୨୮୯ରେ ପହଂଚିଛି। ମାତ୍ର ୧୨ ବର୍ଷ ଭିତରେ ପାଖାପାଖି ୭୦ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୩ରେ ଉଚ୍ଚଶିକ୍ଷା ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩ କୋଟି ୪୨ ଲକ୍ଷ ଥିଲା, ଆଜିର ଦିନରେ ତାହା ସାଢ଼େ ଚାରି କୋଟିରେ ପହଁଚିଛି। ମେଡିକାଲ କଲେଜରେ ବି ସମାନସ୍ଥିତି ରହିଛି। ୨୦୧୪ ପୂର୍ବରୁ ଏହି ସଂଖ୍ୟା ମାତ୍ର ୩୮୭ ଥିଲାବେଳେ ଏବେ ମେଡିକାଲ କଲେଜ ସଂଖ୍ୟା ଦେଶରେ ୮୪୬ ହୋଇଛି। ୨୦୧୪ ପୂର୍ବରୁ ଏମ୍‌ବିବିଏସ ସିଟ୍ ସଂଖ୍ୟା ୫୧,୩୪୮ ଥିଲା। ୨୦୧୩ ମସିହାରେ ଦେଶରେ ୧୬ଟି ଆଇଆଇଟି ଥିଲାବେଳେ ମାତ୍ର ୧୨ ବର୍ଷରେ ତାହା ବୃଦ୍ଧି ପାଇ ୨୩ରେ ପହଂଚିଛି। ପୂର୍ବରୁ ଆଇଆଇଟି ପଢୁଥିବା ଛାତ୍ରଛାତ୍ରୀ ସଂଖ୍ୟା ୬୫,୦୦୦ ଥିଲାବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୧,୩୫,୦୦୦ ହୋଇଛି। ୨୦୧୪ ପୂର୍ବରୁ ଦେଶରେ ଆଇଆଇଏମ୍ ସଂଖ୍ୟା ଥିଲା ୧୩ ଯାହା ଏବେ ୨୧ ହୋଇଛି। ସେହିଭଳି ୨୦୧୪ ପୂର୍ବରୁ ଦେଶରେ ଏମ୍ସ ସଂଖ୍ୟା ଥିଲା ୭ ଯାହା ଏବେ ବୃଦ୍ଧି ପାଇ ୨୦ରେ ପହଂଚିଛି। ମାତ୍ର ୧୨ ବର୍ଷ ଭିତରେ ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷା ଅନୁଷ୍ଠାନ, ମେଡିକାଲ ସିଟ୍ ସଂଖ୍ୟା, ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖା ସବୁଥିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରମାଣିତ କରୁଛି। ଶିକ୍ଷା କ୍ଷେତ୍ରରେ କ'ଣ ପରିବର୍ତ୍ତନ ଆସିଛି ସେମାନେ ଏହି ପରିସଂଖ୍ୟାନ ଦେଖିଲା ପରେ ହୁଏତ ଉତର ପାଇଯିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର ସମୟରେ ଆରମ୍ଭ ହୋଇଥିବା କେଜିରୁ ପିଜି ମାଗଣା ଶିକ୍ଷାଦାନ ଯୋଜନା ଏକ ଐତିହାସିକ ଯୋଜନା। ସେହିଭଳି ୧୪ଟି ବିଶ୍ୱବିଦ୍ୟାଳୟରେ କୂଳପତି ନିଯୁକ୍ତି, ଉଚ୍ଚ ଶିକ୍ଷାରେ ଅଧ୍ୟାପକ ନିଯୁକ୍ତି, ପିଏମ୍ ଉଷା ଏବଂ ରାଜ୍ୟ ସରକାରଙ୍କ ଯୋଜନାରେ ରାଜ୍ୟର ବିଶ୍ୱ ବିଦ୍ୟାଳୟମାନଙ୍କୁ ୬୭୭ କୋଟି ଟଙ୍କାର ଆର୍ଥିକ ଅନୁଦାନ, ଜ୍ଞାନଦୋୟ ଯୋଜନାରେ ୫ ବର୍ଷ ପାଇଁ ୫୪୦୩ କୋଟିର ବ୍ୟୟ ବରାଦ ପ୍ରଥମ ଥର ପାଇଁ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସିଆଲ ନେଟୱାର୍କର ସହଭାଗିତାରେ ଫିନଟେକ୍ ଶିକ୍ଷାର ପ୍ରଚଳନ ଭଳି ଯୁଗାନ୍ତକାରୀ ନିଷ୍ପତ୍ତି ବିଜେପି ସରକାର ନେଇଛି, ଯାହା ଆଗାମୀ ଦିନରେ ଓଡ଼ିଶାର ଉଚ୍ଚ ଶିକ୍ଷାକୁ ଆହୁରି ସମୃଦ୍ଧ କରିବ। ଓଡ଼ିଶାରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଇକୋସିଷ୍ଟମର ବିକାଶ, ସେମିକଣ୍ଡକ୍ଟର ଇକୋସିଷ୍ଟମର ପ୍ରତିଷ୍ଠା, ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ନେଇ ସରକାରୀ କଲେଜମାନଙ୍କରେ ଶିକ୍ଷା ବ୍ୟବସ୍ଥାରେ ଏଆଇ, ସ୍ମାର୍ଟ ଏଜୁକେଶନକୁ ପ୍ରଚଳନ କରିବା କ୍ଷେତ୍ରରେ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି। ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜକ ଶ୍ରୀମତୀ ସୁଜାତା ପାଢ଼ୀ କହିଛନ୍ତି ଯେ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ସରକାର ସବୁବେଳେ ଭବିଷ୍ୟତକୁ ଆଖି ଆଗରେ ରଖି ଶିକ୍ଷା ବ୍ୟବସ୍ଥା ନିର୍ମାଣ କରୁଛନ୍ତି।



# ଏମକେସିଜିରେ ଯୋଡ଼ା ମୁଣ୍ଡ ଶିଶୁ ଜନ୍ମ

ବ୍ରହ୍ମପୁର, (ସବ୍ୟୁ) : କନ୍ଧମାଳ ଜିଲା ଫିରିଙ୍ଗିଆ ମିଲିପଡ଼ାରେ ୨୦୧୫ ଏପ୍ରିଲ ୯ରେ ଜଗା-ବଳିଆ ଯୋଡ଼ା ମୁଣ୍ଡ ଅବସ୍ଥାରେ ଜନ୍ମ ହୋଇଥିଲେ । ସେହିଭଳି ଆଜି ଏମକେସିଜି ବଡ଼ ଡାକ୍ତରଖାନାରେ ଏକ ବିରଳ ଯମଜ ସନ୍ତାନ ଜନ୍ମ ଗ୍ରହଣ କରିଛନ୍ତି । ଦୁଇଟି ମୁଣ୍ଡ ସହ ଶରୀରର ପ୍ରମୁଖ ଅଂଶ ଯୋଡ଼ି ହୋଇ ରହିଥିବାରୁ ଅସ୍ତ୍ରୋପଚାର ଜରିଆରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବାକୁ ପ୍ରୟାସ ଚାଲିଛି ।

ଏହି ଶିଶୁ ପୁତ୍ରଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବା କାରଣରୁ ଉନ୍ନତ ଚିକିତ୍ସା ପାଇଁ ଏସଏନସି ୟୁନିଟରେ ଚିକିତ୍ସା କରାଯାଉଛି । କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ତିଡିପଦର୍ ଗ୍ରାମର ତ୍ରିଲୋଚନ ମାଝୀ (୨୨) ଓ ରୁନି ମାଝୀ(୨୧)ଙ୍କ ପ୍ରଥମ ସନ୍ତାନ । ଶିଶୁର ଓଜନ ୨.୬ କିଲୋ ରହିଛି । ଡାକ୍ତର ପାଠରେ ଏହି କେଶକୁ ପାରାପାଗସ ବୋଲି ଶିଶୁ ଶଲ୍ୟ ବିଭାଗର ମୁଖ୍ୟ ଡା. ମାନସ ରଞ୍ଜନ ଦାସ କହିଛନ୍ତି । ଏହା ଏକ କନଜୋଇନଡ ଟ୍ୱିଇନସ । ଏହାକୁ ଚିକିତ୍ସା ପାଇ ସ୍ୱତନ୍ତ୍ର ଡାକ୍ତରଙ୍କ ସହ ଚିକିତ୍ସା ଚାଲିଛି । ଏହା ତିନି ଲକ୍ଷ କେସରେ ଗୋଟିଏ କେସ ହୁଏ । ଶିଶୁର ଗୋଟେ ହାର୍ଟ, ମେରୁଦଣ୍ଡ ଦୁଇଟା, ଗୋଟିଏ ଲିଭର ଅଛି । ଆର୍ଥିକ ଅବସ୍ଥା ଭଲ ନଥିବା କାରଣରୁ ପରିବାର ଲୋକ ଚିକିତ୍ସା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହା ସାଧାରଣତଃ ଡିଏନ ଗତ ସମସ୍ୟା କାରଣରୁ ହେଉଥିବା ମନେ ହେଉଛି । ଏମକେସିଜି ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଏହି ଶିଶୁ ପୁତ୍ରର ଚିକିତ୍ସା ପାଇଁ ନିୟୋଜିତ ଅଛନ୍ତି ବୋଲି ଡା.ଦାସ ସୂଚନା ଦେଇଛନ୍ତି । ୨୦୧୭ରେ ଦିଲ୍ଲୀ ଏମ୍ସରେ ଜଗା -ବଳିଆଙ୍କ ଅସ୍ତ୍ରୋପଚାର କରାଯାଇ କରାଯାଇ ଦୁଇଜଣଙ୍କୁ ଅଲଗା କରାଯାଇଥିଲା । ୨୦୧୯ ସେପଟମ୍ବରରେ ଏମ୍ସ ସ୍ଥାନାନ୍ତର ହୋଇ କଟକ ଏସସିରେ ଚିକିତ୍ସିତ ହୋଇଥିଲେ । ୨୦୨୦ନଭେମ୍ବର ୨୫ ରେ ବଳିଆ ନିମୋନିଆ ଯୋଗୁଁ ମୃତ୍ୟୁ ବରଣ କରିଥିଲେ । ଜଗନ୍ନାଥ ଏବେ ସୁସ୍ଥ ଅଛି । ସେ ସ୍କୁଲ ଯାଉଥିବା ଜଣାପଡିଛି ।



# କବିସମ୍ରାଟ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

ଭଞ୍ଜନଗର, (ସବ୍ୟୁ) : ସ୍ଥାନୀୟ ନିୟନ୍ତ୍ରିତ ବଜାର ସଭାଗୃହରେ କବିସମ୍ରାଟ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହେବା ସହ ସାହିତ୍ୟ ପତ୍ରିକା ବୈଜୟନ୍ତୀର ଶାରଦୀୟ ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି । ସାହିତ୍ୟ ସଂସଦର ସଭାପତି ତଥା ଭଞ୍ଜ ଗବେଷକ ଡକଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଭଞ୍ଜ ଗବେଷକ ଡକଟର କମ୍ବୁପାଣି ସାମନ୍ତ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ସମାଲୋଚକ କବି ଡକଟର ନାରାୟଣ ପଣ୍ଡା ସମ୍ମାନୀତ ଅତିଥି ଭାବେ ପୌରପାଳିକା ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ସୋମନାଥ ନାୟକ ଯୋଗଦେଇ ଆଲୋଚନାର ବିଷୟ ବସ୍ତୁ ସାହିତ୍ୟର ଦିଗବଳୟ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ପାଦକ ରବୀନ୍ଦ୍ର ନାଥ ଆଚାର୍ଯ୍ୟ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ । ସଭାପତି ଡକଟର ସୁରେଶ ଚନ୍ଦ୍ର ପଣ୍ଡା ବୈଜୟନ୍ତୀ ପତ୍ରିକା ବିଭିନ୍ନ ଦୃଷ୍ଟିକୋଣରୁ ଏକ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ବୋଲି କହିଥିଲେ । ଅଧ୍ୟାପକ ଅଶୋକ ସ୍ୱାଇଁ ଓ ଦୁର୍ଗା ମାଧବ ଦାଶ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଡକଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପ୍ରଫେସର ଶିବରାମ ପଣ୍ଡା, ରଞ୍ଜିତ କୁମାର ବାରିକ, ଡକଟର ଅଶୋକ କୁମାର ଷଡଙ୍ଗୀ ସଂସ୍କୃତି ରଜନି ନାରାୟଣ ମହାରଣା ଏବଂ ଉପେନ୍ଦ୍ର କୁମାର ଶତପଥୀ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପତ୍ରିକା ପ୍ରକାଶନର ଦାୟିତ୍ୱ ନେଇଥିବା ଚିନ୍ମୟ କୁମାର ବେବର୍ତ୍ତାଙ୍କ ଉପସ୍ଥିତିରେ ସମସ୍ତ ଅତିଥିଙ୍କ ଦ୍ୱାରା ବୈଜୟନ୍ତୀର ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ହୋଇଥିଲା । ଅତିଥି ପରିଚୟ ଦେଇଥିଲେ କବି ଓ ଗାଳ୍ପିକା ସୂଜାତା ଷଡ଼ଙ୍ଗୀ । ସଭାର ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ କବି, ପ୍ରାବନ୍ଧିକ ଶ୍ୟାମାପ୍ରସାଦ ମିଶ୍ର ।

# ବାଇକ୍ ଉପରକୁ କୁଦିପଡିଲା ମାଙ୍କଡ଼, ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ କଳମ୍ବ ଛକଠାରେ ଏକ ଚଳନ୍ତା ବାଇକ୍ ଉପରକୁ ମାଙ୍କଡ଼ଟିଏ କୁଦିପଡିବା ଫଳରେ ଦୁର୍ଘଟଣାଗ୍ରସ୍ତ ବାଇକରେ ବସିଥିବା ଜୈନେକା ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତା ବିଧବା ମହିଳା ଜଣକ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜିଲିବା ଗ୍ରାମର କୁସୁମ ନାଇକ(୫୦) । ପ୍ରକାଶ ଯେ, ଆଜି ଅପରାହ୍ନରେ ବାଲିପଦର ଗାଁକୁ କୌଣସି କାମରେ ଆସି ପୁଅ ଜଗବନ୍ଧୁ ନାଇକ ମାଆ କୁସୁମଙ୍କୁ ବାଇକରେ ବସାଇ ନିଜ ଗାଁ ଜିଲିବାକୁ ଫେରୁଥିବା ବେଳେ କଳମ୍ବ ଛକରେ ଏକ ମାଙ୍କଡ଼ ସେହି ବାଇକ୍ ଉପରକୁ କୁଦିପଡିବାରୁ ବାଇକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କୁସୁମ ପିଚୁ ରାସ୍ତା ଉପରେ ଫୋପାଡି ହୋଇ ପଡିବାରୁ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ଏବଂ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିଥିବା ଜଣାଯାଇଛି ।

# ଲଘୁ ଖଣିଜ ପଦାର୍ଥର ସୁରକ୍ଷା ପାଇଁ ବୈଠକ

ଧରାକୋଟ, (ସବ୍ୟୁ) : ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ତହସିଲ ଅଧିନରେ ଥିବା ଲଘୁ ଖଣିଜ ପଦାର୍ଥର ସୁରକ୍ଷା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, କନିଷ୍ଠ ଖଣି ଅଧିକାରୀ ଜୀତେନ୍ଦ୍ର ଜେନା, ବନପାଳ ଲାଜୁ ସବର, ସୁପର ଭାଇଜର ସୁଜ୍ଞାନି ବେହେରା, ବଡ଼ଗଡ଼ ଥାନା ଏସଆଇ ଦୟାନିଧି ବାସ୍ତା, ଧରାକୋଟ ଥାନା ଏଏସଆଇ ଦାମୋଦର ମହାରଣା, ବିଭାଗୀୟ ଅଧିକାରୀ କିରଣ ପାଢ଼ୀଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିଥିଲେ । ଏଥିରେ ଖଣିଜ ପଦାର୍ଥର ସୁରକ୍ଷା, ସଦୁପଯୋଗ, ବେଆଇନ ଚାଲାଣ ରୋକିବା, ରାଜସ୍ୱ ଅଭିବୃଦ୍ଧି କରିବା ସହ ପେଟ୍ରୋଲିଂ କଡ଼ାକଡି କରିବା ପାଇଁ ନିଷ୍ପତ୍ତି ଗ୍ରହଣ

# ଯୌନ ଉତ୍ପୀଡ଼ନ ଅଭିଯୋଗ, ପ୍ରଧାନ ଶିକ୍ଷକ ଗିରଫ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ପୁଣି ଜଣେ ପ୍ରଧାନ ଶିକ୍ଷକଙ୍କ ନାମରେ ନାବାଳିକା ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ଓ ଅସଦାଚରଣ ଅଭିଯୋଗ ସାମ୍ନାକୁ ଆସିଛି । ବାଙ୍ଗିରିପୋଷି ବ୍ଲକ ଶ୍ୟାମସୁନ୍ଦରପୁରସ୍ଥିତ ଏକଲବ୍ୟ ବିଦ୍ୟାଳୟର ଘଟଣା ମନରୁ ନଲିଭୁଣୁ ଶୁକ୍ରୁଳି ବ୍ଲକ ଘାଗି ଆଶ୍ରମ ବିଦ୍ୟାଳୟରୁ ଏଭଳି ଅଭିଯୋଗ ଜିଲ୍ଲାର ଶିକ୍ଷା ମହଲରେ ଉଦ୍‌ବେଗ ସୃଷ୍ଟି କରିଛି । ଅଭିଯୋଗ ଅନୁଯାୟୀ, ଗତ ସେପେଟମ୍ବର ୨୫ତାରିଖରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ପାତ୍ର ଜଣେ ଷଷ୍ଠ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ନିଜ କାର୍ଯ୍ୟାଳୟର କବାଟ ଓ ଝରକା ବନ୍ଦ କରିବା ବାହାନାରେ ଡାକି ଭିତରେ ଅସଦାଚରଣ କରିଥିଲେ । ପୀଡ଼ିତା ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ଛାତ୍ରୀନିବାସର ଦୁଇଜଣ ମ୍ୟାଟ୍ରନଙ୍କୁ ଜଣାଇଥିଲେ ମଧ୍ୟ ଅଭିଯୋଗ ଅନୁଯାୟୀ, ଘଟଣାକୁ ଚାପିଦେବାକୁ ଉଦ୍ୟମ ହୋଇଥିଲା । ପରେ ଛାତ୍ରୀ ଜଣକ ଫୋନ୍ ଯୋଗେ ନିଜ ପରିବାରକୁ ଏ ସମ୍ପର୍କରେ ଜଣାଇବା ପରେ ପୀଡ଼ିତାଙ୍କ ବାପା ରରୁଆଁ ଥାନାରେ ପ୍ରଧାନ ଶିକ୍ଷକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ଘଟଣା ପରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଫେରାର ଥିବା ନେଇ ସୂଚନା ମିଳିଥିଲା । ପୁଲିସ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହ ବିଏନ୍‌ଏସ୍‌ର ଧାରା ୨୦୬, ୭୫, ୭୭ ଓ ୭୮, ଆରଡବ୍ଲ୍ୟୁଏସ୍‌ର ଧାରା ୮, ୧୦ ଓ ୧୨ ଏବଂ ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରବର୍ତ୍ତୀ ସୂଚନା ଅନୁଯାୟୀ, ପୁଲିସ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ବାରିପଦାରୁ ଗିରଫ କରିଛି । ନିକଟ ଅତୀତରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟକୁ ନେଇ ଉଠିଥିବା ଅଭିଯୋଗ ପରେ ପୁଣି ଏଭଳି ଘଟଣା ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଓ ଦାୟିତ୍ୱବୋଧକୁ ନେଇ ଗମ୍ଭୀର ପ୍ରଶ୍ନ ସୃଷ୍ଟି କରିଛି । ଘଟଣାରେ ପୁଲିସର ତଦନ୍ତ ଜାରି ରହିଥିବାବେଳେ ଅଭିଯୋଗର ସମସ୍ତ ଦିଗ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପୂର୍ଣ୍ଣଚନ୍ଦ୍ର ଶିକ୍ଷା ଅନୁଷ୍ଠାନ ସମୂହରେ ଶିକ୍ଷକଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର



ବାରିପଦା, (ସବ୍ୟୁ) : ଶିକ୍ଷାଦାନ ପ୍ରଣାଳୀକୁ ଅଧିକ ପ୍ରଭାବଶାଳୀ କରିବା ସହ ଆଧୁନିକ ଶିକ୍ଷା ବ୍ୟବସ୍ଥାର ଆହ୍ୱାନକୁ ସାମ୍ନା କରିବା ଲକ୍ଷ୍ୟରେ ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ଶିକ୍ଷା ଅନୁଷ୍ଠାନ ସମୂହ ପକ୍ଷରୁ ଏକ ଦିନିକିଆ ଶିକ୍ଷକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ସକାଳ ୯ଟାରୁ ଅପରାହ୍ନ ୩ଟା ୩୦ମିନିଟ୍ ପର୍ଯ୍ୟନ୍ତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରର ମୁଖ୍ୟ ବିଷୟବସ୍ତୁ ଥିଲା ୨୧ଶ ଶତାବ୍ଦୀର ଦକ୍ଷତା ଅନୁଯାୟୀ ଶ୍ରେଣୀଗୃହ ପରିଚାଳନା ଏବଂ ମାନସିକ ଚାପ ପରିଚାଳନା । ଏହି ପ୍ରଶିକ୍ଷଣ ମାଧ୍ୟମରେ ଶିକ୍ଷକମାନଙ୍କୁ ଶ୍ରେଣୀଗୃହରେ ଶୃଙ୍ଖଳା ରକ୍ଷା, ଛାତ୍ରଛାତ୍ରୀଙ୍କ ସହ ଉତ୍ତମ ସମନ୍ୱୟ ସ୍ଥାପନ, ଶିକ୍ଷାଦାନରେ ନୂତନ ଦକ୍ଷତାର ପ୍ରୟୋଗ ଏବଂ ଦୈନନ୍ଦିନ କାର୍ଯ୍ୟଚାପର ସଠିକ୍ ପରିଚାଳନା ସମ୍ପର୍କରେ ମାର୍ଗଦର୍ଶନ ଦିଆଯାଇଥିଲା । ଏହି ଶିବିରରେ ପ୍ରଶିକ୍ଷକ ଭାବେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ, ଶିରିସବଣୀର ଅଧ୍ୟକ୍ଷା ତଥା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ବରିଷ୍ଠ ସାଧନ ବ୍ୟକ୍ତି ଡଃ ବୀଣାପାଣି ଦାଶ ଏବଂ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ଶିକ୍ଷାବିତ୍, ଶିକ୍ଷା ବିଭାଗର ପାଠକ ତଥା ବାଙ୍ଗିରିପୋଷିସ୍ଥିତ ଏଲ୍.କେ. ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଯୋଗଦେଇ ନିଜର ଅଭିଜ୍ଞତା ଓ ଶିକ୍ଷାଦାନ କ୍ଷେତ୍ରରେ ଥିବା ବ୍ୟବହାରିକ ଜ୍ଞାନ ଶିକ୍ଷକମାନଙ୍କ ସହ ବାଣ୍ଟିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଇଂ. ପ୍ରଭାସ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅଙ୍କିତା ବାରିକ, ଶୈକ୍ଷିକ ମୁଖ୍ୟ ଡଃ ଆଦର୍ଶ ଶତପଥୀ, ପୂର୍ଣ୍ଣଚନ୍ଦ୍ର ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ଲିପିକା ଦାସ ଏବଂ ପୂର୍ଣ୍ଣଚନ୍ଦ୍ର ଆଦର୍ଶ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ନିରୋଦ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ । ଅନୁଷ୍ଠାନ ସମୂହର ତିନୋଟି ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ । ଏଭଳି ପ୍ରଶିକ୍ଷଣ ଶିକ୍ଷକମାନଙ୍କ ଜ୍ଞାନ, ଦକ୍ଷତା ଓ ଆତ୍ମବିଶ୍ୱାସ ବୃଦ୍ଧି ସହ ଶିକ୍ଷାଦାନର ଗୁଣାତ୍ମକ ମାନକୁ ଆହୁରି ସମୃଦ୍ଧ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ଆଶା ପ୍ରକାଶ କରାଯାଇଛି । ଭବିଷ୍ୟତରେ ମଧ୍ୟ ଶିକ୍ଷକମାନଙ୍କ ବୃତ୍ତିଗତ ଦକ୍ଷତା ବିକାଶ ପାଇଁ ଏପରି କାର୍ଯ୍ୟକ୍ରମ ନିୟମିତ ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ସାମ୍ବାଦିକଙ୍କ ପିତୃ ବିୟୋଗ



ଚିକିଟି, (ସବ୍ୟୁ): ଚିକିଟି ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ସୁରେଶ ରଞ୍ଜନ ପାଢ଼ୀ (ଟୁନା)ଙ୍କ ବାପା ରାମହରି ପାଢ଼ୀ(୮୪) ଙ୍କ ଚିକିଟି ଗଡ଼ ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ଘଟିଛି । ସେ ଦୀର୍ଘବର୍ଷ ଧରି ମୁତ୍ରାଶୟ ଜନିତ ରୋଗରେ ପୀଡିତ ଥିଲେ ।

ଚିକିଟି ତଥା ଆଖପାଖ ଅଞ୍ଚଳରେ ଜଣେ ଆଦର୍ଶ ଶିକ୍ଷକ ଭାବେ ଶିକ୍ଷକତା କରି ସୁନାମ ଅର୍ଜନ କରିବା ସହ ଲୋକଙ୍କ ପ୍ରିୟପାତ୍ର ହୋଇଥିଲେ । ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି । ସାମ୍ବାଦିକ ସୁରେଶ ରଞ୍ଜନ ମୁଖାଗ୍ନୀ ଦେଇଥିଲେ । ଖଲି ପାଣି ସମେତ ବହୁ ପୁରାତନ ଛାତ୍ର ପହଂଚି ଶେଷ ଦର୍ଶନ କରିଥିଲେ । ଚିକିଟି ପ୍ରେସ କ୍ଲବ ସଭାପତି ନିଗମାନନ୍ଦ ପଣ୍ଡା ଏବଂ ସମ୍ପାଦକ ଅରୁଣ କୁମାର ପଣ୍ଡାଙ୍କ ସମେତ ସମସ୍ତ ସଭ୍ୟ ସ୍ୱର୍ଗତ ଆତ୍ମାର ସଦଗତି କରିବା ସହ ତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି ।

4001/369/2627

ଟେଣ୍ଟହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ RCCB ବ୍ୟବହାର କରନ୍ତୁ ।
- ଉପଯୁକ୍ତ ରେଟିଙ୍ଗ୍‌ର ISI ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ୍, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ IP (IP ୬୫/IP ୬୬/IP ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



" ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା "

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR: 4001/4066/2/26-27/0008

# ୪ ଦଫା ଦାବିରେ ଧାରଣା ଦେଲେ ଉତ୍କଳ ବିଦ୍ୟୁତ କର୍ମଚାରୀ



ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଉତ୍କଳ ବିଦ୍ୟୁତକର୍ମଚାରୀ ସଙ୍ଘ ତରଫରୁ ଢେଙ୍କାନାଳ ବିଦ୍ୟୁତ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ୪ ଦଫା ଦାବୀ ନେଇ ଅହୋରାତ୍ର ଧାରଣା ଦେଇଛନ୍ତି । ଶ୍ରମିକ ମାନଙ୍କର ପାଉଣା ନଦେଇ ଏକ କୋଟିରୁ ଅଧିକ ଟଙ୍କା ଆତ୍ମସାତ କରିଥିବା ବିକେଏସ ସଂସ୍ଥାକୁ କଳାତାଲିକା ଭୁକ୍ତ କରିବା ସହିତ ପ୍ରତ୍ୟାହାର ନକଲେ ଏସିଙ୍କ କାର୍ଯ୍ୟାଳୟରେ ନିଆଁ ଲଗାଇଦେବୁ ବୋଲି ସଙ୍ଘର ଉପସଭାପତି କହିଛନ୍ତି ।

ଉତ୍କଳ ବିଦ୍ୟୁତ୍ କର୍ମଚାରୀ ସଙ୍ଘ ତରଫରୁ ୪ ଦଫା ଦାବୀ ନେଇ ମଙ୍ଗଳବାର ଢେଙ୍କାନାଳ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଠିକା କର୍ମଚାରୀ ମାନେ ଅହୋରାତ୍ର ଧାରଣାରେ ବସିଛନ୍ତି । ଟାଟା ପାୱାର ଟିପିସିଓଡିଏଲରେ କାର୍ଯ୍ୟ କରୁଥିବା ପ୍ରାୟ ଏକ ହଜାର କର୍ମଚାରୀ ସମସ୍ତ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିଥିବାର ଜଣାପଡିଛି । କର୍ମଚାରୀ ମାନେ ଦିନରାତି ଏକାକାର କରି କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ଉଚିତ ମଜୁରୀ ମିଳୁନାହିଁ ।ଏହା ସହିତ ସେମାନଙ୍କର ଗ୍ରାଚ୍ୟୁଇଟି ପ୍ରଦାନ କରାଯାଉନଥିବା ବେଳେ କମ ହାରରେ ମଜୁରୀ ପ୍ରଦାନ କରାଯାଉଛି । ସେହିପରି କର୍ମଚାରୀ ମାନେ ନିୟମିତ ଭାବରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କର ପିଏଫ କଟାଯାଉନଥିବାର ଅଭିଯୋଗ ହୋଇଛି । ଫନି ବାତ୍ୟା ସମୟରେ କର୍ମଚାରୀ ମାନଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବାକୁ ଘୋଷଣା କରାଯାଇଥିବା ବେଳେ ସେମାନଙ୍କୁ ତାହା ପ୍ରଦାନ କରାଯାଇନାହିଁ । ସେହିପରି ଯେଉଁ ସଂସ୍ଥା ଶ୍ରମିକ ମାନଙ୍କ ଦରମା କାଟିବା ସହିତ ଶ୍ରମ ଆଇନକୁ ଉଲଙ୍ଘନ କରି ପ୍ରାୟ ଏକ କୋଟି ଟଙ୍କା ହେରଫେର କରିଛି ସେହି ସଂସ୍ଥା ମେମର୍ସଭରତ କୁମାର ସାହୁଙ୍କୁ ପୁଣି ଥରେ ଟେଣ୍ଡରଦେଇ କାର୍ଯ୍ୟ କରାଇବାର ମସୁଧା ଚଳାଇଛନ୍ତି ।

ତୁରନ୍ତ ଟେଣ୍ଡର ବାତିଲ ସହିତ ବିକେଏସକୁ କଳା ତାଲିକା ଭୁକ୍ତ କରିବାକୁ ଦାବୀ କରାଯାଇଛି ।କର୍ମଚାରୀ ମାନେ ବିକେଏସ ଅଧିନରେ କାର୍ଯ୍ୟ କରିବେ ନାହିଁ ବୋଲି ଦାବୀ କରିବା ସହିତ ବିକେଏସକୁ ତୁରନ୍ତ ପ୍ରତ୍ୟାହାର,କର୍ମଚାରୀମାନଙ୍କର ବକେୟା ଥିବା ମଜୁରୀ, ବୋନସ, ଇଏଲ, ଗ୍ରାଚ୍ୟୁଇଟି ସହିତ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ଦାବୀ କରାଯାଇଛି । ବିକେଏସକୁ କଳା ତାଲିକା ଭୁକ୍ତ କରିବା ସହିତ ଚୁକ୍ତିନାମା ବାତିଲ ଦାବୀ କରି ଏହି ଧାରଣା ଦିଆଯାଇଛି । ଏହାକୁ ନେଇ ଉପସଭାପତି ହେମନ୍ତ କୁମାର ସାହୁ କହିଛନ୍ତି,ଯଦି ବାତିଲ କରାନଯାଏ ଏସିଙ୍କ କାର୍ଯ୍ୟାଳୟରେ ନିଆଁ ଲଗାଇଦେବୁ ଏବଂ ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି କହିଛନ୍ତି ।

# ମହିଳା ବିରୋଧୀ ଅସଦାଚରଣ, ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ

ବ୍ରହ୍ମପୁର, (ସବ୍ୟୁ) : କଂଗ୍ରେସ ଦଳର ମଣିପୁର ସାଂସଦ ଅଙ୍ଗୋମଚା ବିମଲ ଅକୋଇଜାମ ଜେଏନୟୁରେ ଛାତ୍ରୀଙ୍କ ପ୍ରତି ଅସଦାଚରାଣ ଅଭିଯୋଗରେ ଜେଏନୟୁର ଇଣ୍ଟରନାଲ କମିଟି ଦ୍ୱାରା ଦଣ୍ଡିତ ହୋଇଛନ୍ତି । ଦେଶରେ ମହିଳା ବିରୋଧୀ ଅସଦାଚରଣ ଘଟଣାକୁ ବିରୋଧ କରି ବ୍ରହ୍ମପୁର ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏହାର ତ୍ରୀବ୍ର ବିରୋଧ ସହିତ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମଣିପୁରର ସାଂସଦଙ୍କ ସମେତ ବିରୋଧିଦଳ ନେତା ରାହୁଲ ଗାନ୍ଧୀ ସ୍ଥାନୀୟ କଂଗ୍ରେସ ଭବନ ସମୁଖରେ କୁଶପୁତ୍ତଳିକା ଦାହ କରାଯାଇଥିଲା । ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ନଗର ଛକ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି କଂଗ୍ରେସ କାର୍ଯ୍ୟାଳୟ ସମୁଖରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା ।

ଏହି ବିକ୍ଷୋଭରେ ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ବରିଷ୍ଠ ନେତ୍ରୀ ସବିତା ସୁଆର, କୋର୍ପୋରେଟର ସବିତା ସାହୁ, ବନିତା ସାହୁ, ମନିତା ଦାଶ, ମମତା ରଣା, ମଧୁସ୍ମିତା ଠାକୁର, ବର୍ଷା ବିଦୁସ୍ମିତା, ନର୍ମଦା ମଣି, ଭାରତୀ, ପ୍ରେମଶିଳା ନନ୍ଦ, ସୁସ୍ମିତା ସାହୁଙ୍କ ସମେତ ଜିଲ୍ଲାର ଦଳୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ମହିଳାଙ୍କ ସମ୍ମାନ ଓ ସୁରକ୍ଷା ପ୍ରସଙ୍ଗରେ ପ୍ରତିବାଦ କରିଥିଲେ । ମହିଳାଙ୍କ ପ୍ରତି ଅସମ୍ମାନଜନକ ଆଚରଣକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ଓ ମହିଳାଙ୍କ ମର୍ଯ୍ୟାଦା ଓ ସୁରକ୍ଷା ରକ୍ଷା ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ । ମଣିପୁରର ଜଣେ ସାଂସଦ ଏଗାର ଜଣ ମହିଳା ଛାତ୍ରୀଙ୍କ ସହିତ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜେ.ଏନ୍.ୟୁ. ର ଇଣ୍ଟରନାଲ୍ କମିଟି ଦ୍ୱାରା ଦଣ୍ଡିତ ହୋଇଛନ୍ତି ଏବଂ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିବା ଘଟଣାକୁ ନିନ୍ଦା କରିଥିଲେ ।

# ବେଆଇନ ଗୋଚାଲାଣ: ପୁଣି ୨ ଗିରଫ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମଠାରେ ବେଆଇନ ଗୋଚାଲାଣ ଘଟଣାରେ ପୂର୍ବରୁ ବ୍ୟବସାୟୀ ରବିନ୍ଦ୍ର ଗୌଡକୁ ଗିରଫ ସହ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏବେ ପୁଣି ସେହି ଘଟଣାରେ ବ୍ୟବହୃତ ପିକଅପ୍ ଗାଡିର ଡ୍ରାଇଭର ଓ ହେଲପରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଡ୍ରାଇଭର ଓ ହେଲପର ଉଭୟ ଯଥାକ୍ରମେ ହେଲେ ଆସ୍କା ଥାନା ଅନ୍ତର୍ଗତ ଗୁଣ୍ଡିପଡା ଗ୍ରାମର କାହ୍ନୁଚରଣ ଗୌଡ(୨୫) ଓ ସୁମନ୍ତପଲ୍ଲୀ ଗାଁର ବିନୋଦ ଗୌଡ ।

ଏନେଇ ପୂର୍ବରୁ ବୁଗୁଡ଼ା ଥାନାରେ କେସ୍ ନଂ ୫୦୪/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ୯ ତାରିଖ ରାତିରେ ପୋଲିସ ବେତାରସିଂ ଗାଁଠାରେ ୩ଟି ଗାଈ ବୋଝେଇ ଏକ ପିକଅପ୍ ଗାଡିକୁ ଜବତ ସହ ବ୍ୟବସାୟୀ ରବିନ୍ଦ୍ରକୁ ଗିରଫ କରିଥିଲା । ତେବେ ସେହି ବେଆଇନ ଗୋଚାଲାଣରେ ସମ୍ପୃକ୍ତ ଡ୍ରାଇଭର କାହ୍ନୁଚରଣ ଓ ହେଲପର ବିନୋଦକୁ ପୋଲିସ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାର ତଦନ୍ତ ଦାୟିତ୍ୱରେ ଏଏସଆଇ ସୁମନ୍ତ କୁମାର ବେହେରା ରହିଥିବା ଜଣାଯାଇଛି ।

# ଜିଏସଟି ଟ୍ୟାକ୍ସ ଫାଙ୍କି, ଫାଇନ ଆଦାୟ

ହିନ୍ଦୋଳ ,(ସବ୍ୟୁ) :ଅନୁଗୋଳ – ଢେଙ୍କାନାଳ ସି ଟି ଏଂ ଜି ଏସ ଟି ଏନଫୋର୍ସମେଣ୍ଟ ଟିମ ପକ୍ଷରୁ ଆଜି ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ପୁରୁଣା କଟକ– ସମ୍ବଲପୁର ମୁଖ୍ୟ ରାସ୍ତାର ବେଲ ବାହାଳି ଗ୍ରାମ ଛକ ନିକଟରେ ଆଜି ଦିନ ତମାମ ମଟର ଯାନ ଯାଞ୍ଚ ଓ ତନାଘନା ଜାରି ରହି ଥିଲା । ଯାଞ୍ଚ ବେଳେ ଜି ଏସ ଟି ଟ୍ୟାକ୍ସ ଫାଙ୍କି ମାଲ ବୋଝେଇ ଗାଡ଼ିରେ ପରିବହନ କରୁଥିବା ସମୟରେ ଟିମ ପକ୍ଷରୁ ରାସ୍ତାରେ ୩ ଟି ଗାଡ଼ିକୁ ଅଟକ ରଖାଯାଇ ଟ୍ୟାକ୍ସ ଆଦାୟ କରା ଯାଇଥିଲା । ସେଥି ମଧ୍ୟରୁ କ୍ୱଉ ୩୩ଅଘ୦୭୯୯ ଚାରି ଚକିଆ ଯାନରେ ଅଲଟ୍ରାଟେକ କମ୍ପାନୀର ପୁଟି ପରିବହନ ହେଉଥିଲା ।ଗାଡ଼ିର ସମସ୍ତ କାଗଜପତ୍ର ଯାଞ୍ଚ କରି ଟିମ ୨୭,୪୫୮ ଟଙ୍କା ଫାଇନ ଆଦାୟ କରିଥିଲା । ସେହଭଳି କ୍ୱଉ୨୫ର୬୨୭୦ ଏତିକି ନଂ ମିନି ଟ୍ରକ ଯୋଗେ ପି ଭି ସି ପାଇପ ବୋଝଇ ହୋଇ ଅନ୍ୟତ୍ର ଯାଉଥିଲା ।ଯାଞ୍ଚ ବେଳେ ଜି ଏସ ଟି ଫାଙ୍କି ଯୋଗୁଁ ତା ଠାରୁ ୩୦,୬୦୦ ଟଙ୍କା ଆଦାୟ କରା ଯାଇଥିଲା । କ୍ୱଉ୧୯ଝ୨୫୬ ମିନି ଟ୍ରକରେ ଜି ଆଇ ବକ୍ସ ବୋଝେଇ ହୋଇ ଥିବା ବେଳେ ଟିମ ତନାଘନା କରିବାରୁ ଟ୍ୟାକ୍ସ ଫାଙ୍କି ଯୋଗୁଁ ୧୮, ୦୦୦ ଟଙ୍କା ଟ୍ୟାକ୍ସ ଆଦାୟ କରା ଯାଇଥିଲା । ସଂସ୍ଥା ପକ୍ଷରୁ ଚଳିତ ଅକ୍ଟୋବର ମାସରେ ଏଯାଏଁ ୨,୫୭, ୦୦୦ ଟଙ୍କା ଟ୍ୟାକ୍ସ ଆଦାୟ କରା ଯାଇଥିବା ନେଇ ଅନୁଗୋଳ ସି ଟି ଏଂ ଜି ଏସ ଟି ଏନଫୋର୍ସମେଣ୍ଟ ଟିମ ଡେପୁଟି କମିଶନର ଉଜ୍ଜ୍ୱଳ କୁମାର ନାୟକ ଜଣାଇଛନ୍ତି । ଆଜିର ଏହି ଯାଞ୍ଚ ଓ ତନାଘନା ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ବହୁ ଯାନ ବାହାନ ଚାଳକ ଓ ମାଲିକ ମଧ୍ୟରେ ଛନକା ପଶି ଯାଇଛି ।

# ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ପରଲୋକ

କଣିହାଁ, (ସବ୍ୟୁ): କଣିହାଁ ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତ୍ରୀ ଶାନ୍ତିଲତା ବେହେରାଙ୍କ ପିତା ତଥା ଅବସରପ୍ରାପ୍ତ ସେନା ଅଧିକାରୀ ମେଜର ଚୌଧୁରୀ ବେହେରାଙ୍କର ୫୯ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ମସ୍ତିଷ୍କାଘାତରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ବେହେରାଙ୍କ ପୈତୃକ ଗ୍ରାମ କଣିହାଁ ବ୍ଲକ୍ର କମରେଇ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡସିଂହା ଗ୍ରାମରେ । ତାଙ୍କ ବିୟୋଗ ଖବର ପାଇ ବିଭିନ୍ନ ରାଜନୈତିକ ଦଳର ନେତା, ଜନପ୍ରତିନିଧି ଓ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। କଂଗ୍ରେସର ରାଜ୍ୟସ୍ତରୀୟ ନାରୀ ନେତ୍ରୀ ସସ୍ମିତା ବେହେରାଙ୍କ ସମେତ ବିଜେଡି ଓ ଭାଜପାର ବହୁ ନେତା ଏହି ଦୁଃଖଦ ସମୟରେ ତାଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ତାଳଚେର ବିଧାୟକ ତଥା ବିଜେଡିର ଜିଲ୍ଲା ସଭାପତି ବ୍ରଜକିଶୋର ପ୍ରଧାନ ଏବଂ ପୂର୍ବତନ ସାଂସଦ, ବିଜେଡିର ମହେଶ ସାହୁ, ପ୍ରମୁଖ ଶୋକବାର୍ତ୍ତା ଜଣାଇବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଥିଲେ ।

# ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୀତାଦାନ ଯଜ୍ଞ




ବାରିପଦା, (ସବ୍ୟୁ) : ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ, ଆଧ୍ୟାତ୍ମିକ ଚେତନା ଓ ଜୀବନରେ ଉତ୍ତମ ଆଦର୍ଶ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ବାରିପଦା ବ୍ଲକ ଅନ୍ତର୍ଗତ ବଡ଼ବ୍ରାହ୍ମଣମରାସ୍ଥିତ ସାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପଶ୍ଚିମବଙ୍ଗର ମାୟାପୁରସ୍ଥିତ ଇସ୍କନ ପକ୍ଷରୁ ପବିତ୍ର ଭଗବତ ଗୀତା ଦାନ ଯଜ୍ଞ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଅମୀୟ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଗୌର ଧାମ ଦାସ, ମନୋରମ ଗୌର ଦାସ, ପ୍ରସନ୍ନ ସଚିପୁତ୍ର ଦାସ, ରାଧାରମଣ ଶୁଭିଳାଷ ଦାସ ଏବଂ ସମାଜସେବୀ ସୋମନାଥ ସିଂହ ପ୍ରମୁଖ ଯୋଗଦେଇ ପବିତ୍ର ଭଗବତ ଗୀତାର ମହତ୍ତ୍ୱ ଓ ଜୀବନରେ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ନିୟମିତ ଗୀତା ପାଠ ଦ୍ୱାରା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ, ମାନସିକ, ଆଧ୍ୟାତ୍ମିକ ଓ ଶାରୀରିକ ବିକାଶ ସାଧିତ ହେବା ସହ ସେମାନଙ୍କୁ ନୈତିକତାସମ୍ପନ୍ନ ଓ ଦାୟିତ୍ୱବାନ ସୁନାଗରିକ ଭାବେ ଗଢ଼ିତୋଳିବାରେ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପ୍ରାୟ ୨୫୦ଜଣ ଛାତ୍ରଛାତ୍ରୀଙ୍କୁ ପବିତ୍ର ଭଗବତ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା । ଏହି ପୁସ୍ତକ ବଣ୍ଟନ କାର୍ଯ୍ୟରେ ବାରିପଦାର ଗୋପାଳ ଜୁଏଲାରୀର ଉଦ୍ୟୋକ୍ତା ମନୋଜ କୁମାର ସାଓଙ୍କ ସମେତ ସୁରୁ ଟୁଡୁ, ପଦ୍ମଲାଭ ଦାସ ଓ ଅମୂଲ୍ୟ ଜେନା ପ୍ରମୁଖ ସହଯୋଗର ହାତ ବଢ଼ାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରଶାସନିକ ଅଧିକାରୀ ଜ୍ଞାନେନ୍ଦ୍ର ମହାକୁଡ଼, ବରିଷ୍ଠ ଅଧ୍ୟାପକ ଉପେନ୍ଦ୍ର କୁମାର ରାଉଳ, ଅଧ୍ୟାପକ ସତ୍ୟଜିତ ପଣ୍ଡା, ବିଶ୍ୱଜିତ ମହାନ୍ତଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସହଯୋଗ କରିଥିଲେ । ଏହି ଗୀତା ଦାନ ଯଜ୍ଞ ଛାତ୍ରଛାତ୍ରୀଙ୍କ ମନରେ ଆଧ୍ୟାତ୍ମିକ ଭାବନା ଓ ମାନବୀୟ ମୂଲ୍ୟବୋଧ ଜାଗ୍ରତ କରିବା ସହ ଶିକ୍ଷା ସହିତ ଚରିତ୍ର ଗଠନର ଗୁରୁତ୍ୱକୁ ପ୍ରତିପାଦିତ କରିଛି ।

## ବରିଷ୍ଠ କିରାଣୀଙ୍କ କଳାକାରନାମା

# ପେନସନ, ଦରମା, ବକେୟା ଦରମାରୁ ୬୫ଲକ୍ଷ ହଡ଼ପ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ବକେୟା ପେନସନ,ବକେୟା ଦରମାଭଳି ବିଭିନ୍ନ କାର୍ଯ୍ୟରେ ପ୍ରାୟ ୬୫ଲକ୍ଷ ଟଙ୍କା ହଡପ କରି ଫେରାର ହୋଇଯାଇଥିବାର ଜଣାପଡିଛି । ବନଖଣ୍ଡ କାର୍ଯ୍ୟାଳୟର ସୁଜିତ କୁମାର ଜେନା ଜଣେ ବରିଷ୍ଠ କିରାଣୀ ଭାବରେ କାର୍ଯ୍ୟ କରୁଥିଲେ ।

ଗତ ୨୦୧୬ ମସିହା ଏପ୍ରିଲ ମାସରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ପେନସନ, ୭ପେ ଏରିଅର, ବକେୟା ଦରମା ଏବଂ ବିଭିନ୍ନ କାର୍ଯ୍ୟରେ ପ୍ରାୟ ୬୫ଲକ୍ଷ ହଡପ ହୋଇଥିବାର ଅଭିଯୋଗ ହୋଇଛି । ଏହା ଜଣାପଡିବା ପରେ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର ଅଡିଟ କରାଯାଇଥିବା ବେଳେ ଏହା ଜଣାପଡିଥିଲ । । ସୁଜିତ ତାଙ୍କର ମା ସତ୍ୟଭାମାଙ୍କ ବ୍ୟାଙ୍କ ଖାତା ସହିତ ଅନ୍ୟ ୩ଟି ଖାତାକୁ ଏହି ଟଙ୍କା ପଠାଇ ଏହା ହପଡ କରିଛନ୍ତି । ଏହି ଘଟଣା ଜଣାପଡିବା ପରେ ଗତ ୪ଦିନ ହେବ ସେ ଫେରାର ହୋଇଥିବାର ଜଣାପଡିଛି । ସେହିପରି ଏହି କାର୍ଯ୍ୟାଳୟରେ ସେ ଦିର୍ଘ ୧୦ ବର୍ଷ ଧରି କାର୍ଯ୍ୟ କରୁଥିବା ବେଳେ ଏସିଏଫ ଡିଡିଓ ଥିବା ବେଳେ କିପରି ଟଙ୍କା ହଡପ କଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଅଡିଟ ଅଧିକାରୀମାନେ ବିଭିନ୍ନ କାଗଜ ପତ୍ର ଜବତ କରି ତଦନ୍ତ ଚଳାଇଥିବାର ଜଣାପଡିଛି ।

# ଦିନିକିଆ ସମୀକ୍ଷାରେ ଆସିଲେ କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ



ଢେଙ୍କାନାଳ ,(ସବ୍ୟୁ) :ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଆର୍ଥିକ ସେବା ବିଭାଗର ଯୁଗ୍ମ ସଚିବ ତଥା ଢେଙ୍କାନାଳ ଜିଲ୍ଲାର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ସୁଶ୍ରୀ ଶାଳିନୀ ପଣ୍ଡିତ ଢେଙ୍କାନାଳ ଜିଲ୍ଲା ଗସ୍ତ କରି ନୀତି ଆୟୋଗଙ୍କ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଅଗ୍ରଗତି ଓ ଏହାର କ୍ଷେତ୍ରସ୍ତରୀୟ ପ୍ରଭାବ ସମୀକ୍ଷା କରିଥିଲେ । ଏହି ଗସ୍ତ ଅବସରରେ ସେ ଗୋବିନ୍ଦପୁର ସ୍ଥିତ ମ୍ୟାଙ୍ଗୋ ହବ୍ କେନ୍ଦ୍ର, ମହର୍ଷି ଦୟାନନ୍ଦ ସେବା ମିଶନ, ଶକ୍ତି ସଦନ, ଜୀବନଜେ୍ୟାତି ବୌଦ୍ଧିକ ଭିନ୍ନକ୍ଷମ ବିଦ୍ୟାଳୟ, ବୋରାପଦା ଅଙ୍ଗନୱାଡି କେନ୍ଦ୍ର ଏବଂ ଶ୍ୟାମାଚରଣପୁରସ୍ଥିତ ହାତୀ ଆଗମନ ପୂର୍ବ ସୂଚନା ବ୍ୟବସ୍ଥା ପରିଦର୍ଶନ କରିଥିଲେ ।

ସେହିପରି ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ କ୍ଲାସରୁମ ଓ ଡିଜିଟାଲ୍ ରିଡିଂ ରୁମ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ଥାୟୀ ଦକ୍ଷତା ପ୍ରଶିକ୍ଷଣ ପ୍ରୟୋଗଶାଳା, ୱାନ୍ ଷ୍ଟପ ସେଣ୍ଟର ଏବଂ ମହିଷାପାଟସ୍ଥିତ ହସ୍ତ ଶିଳ୍ପ ମାର୍ଟ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ, ଅଗ୍ରଗତି ଏବଂ ଏହାର ସୁଫଳ ଲୋକମାନଙ୍କ ନିକଟରେ କିପରି ପହଞ୍ଚିଛି ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ପରେ ଜିଲ୍ଲା କାର୍ଯ୍ୟାଳୟରେ ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ପ୍ରମୁଖ ସୂଚକାଙ୍କ ଆଧାରରେ ଢେଙ୍କାନାଳ ଜିଲ୍ଲାର ପ୍ରଦର୍ଶନ ଓ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ନେଇ ସୁଶ୍ରୀ ପଣ୍ଡିତ ସନ୍ତୋଷ ପ୍ରକାଶ କରିଥିଲେ । ଏଥିସହ ବିଭିନ୍ନ ବିଭାଗର ଅଧିକାରୀମାନେ ଏହିଭଳି ନିଷ୍ଠା ଓ ସମନ୍ୱୟର ସହ କାର୍ଯ୍ୟ ଜାରି ରଖିବା ସହ ଜନସାଧାରଣଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

# ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ସାଂସଦ

ଅନୁଗୋଳ ,(ସବ୍ୟୁ): ଉତ୍କଳମଣି ଗୋପବନ୍ଧୁ ଦାଶଙ୍କର ୧୪୯ ତମ ପୁଣ୍ୟ ଜନ୍ମତିଥିରେ ଅନୁଗୋଳ ଦୈନିକ ଖବରକାଗଜ ସମାଜ ପ୍ରତିଷ୍ଠାନ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରେ ଉତ୍କଳମଣି ଗୋପବନ୍ଧୁଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି ପୁଣ୍ୟତିଥି ଅବସରରେ ସମାଜ ପ୍ରତିଷ୍ଠାନ ପକ୍ଷରୁ ତଥା ଢେଙ୍କାନାଳର ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ଆହ୍ୱାନ ରେ ବହୁ ସଂଖ୍ୟକ ବିଜେପି କାର୍ଯ୍ୟକର୍ତ୍ତା ଓ ସହରର ବୁଦ୍ଧିଜୀବୀ ଏବଂ ଛାତ୍ରଛାତ୍ରୀ ସମବେତ ହୋଇ ଉତ୍କଳମଣି ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଢେଙ୍କାନାଳର ସାଂସଦ ଶ୍ରୀ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେବା ସହ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଉତ୍କଳମଣିଙ୍କର ସ୍ତୁତିଚାରଣ କରିଥିଲେ । ଏହି ସଂଯୋଗରେ ସାଂସଦ ଉତ୍କଳମଣି ଯେ ପ୍ରକୃତ ତ୍ୟାଗସେବା ଏବଂ ରାଷ୍ଟ୍ର ପାଇଁ ଜଣେ ସମର୍ପିତ ମହାପୁରୁଷ ଥିଲେ ବୋଲିଅଭିବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମ ରେସମାଜର ଜିଲ୍ଲା ପ୍ରତିନିଧି ମନୋରଞ୍ଜନ ପାଣି,ସହର ପ୍ରତିନିଧି ମାନସ ମହାନ୍ତି,ବିଜ୍ଞାପନ ପ୍ରସାରର ପ୍ରମୁଖ ସନ୍ଦୀପ ମହାପାତ୍ର ଓ ଖବର ପ୍ରସାର ବିଭାଗର ପ୍ରମୁଖ ଜ୍ୟୋତିରଞ୍ଜନ ଜେନା, ସାମ୍ବାଦିକ ପ୍ରତାପ ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ କାର୍ଯ୍ୟକ୍ରମ ଆୟୋଜନରେ ପ୍ରତ୍ୟକ୍ଷ ଭାବେ ସହଭାଗିତା କରିଥିଲେ। ଏହି ସମୟରେ ଉତ୍କଳମଣି ପାର୍କକୁ ଲାଗିଥିବା ଅଗ୍ରଣୀ ଦଳିତ ସାମାଜିକ ସଂଗଠନ ଆମ୍ବେଦକର ଫାଉଣ୍ଡେସନର ଉପସଭାପତି ପ୍ରଦ୍ୟୁମ୍ନ ନାୟକ ଓ ଅନ୍ୟ ସଦସ୍ୟ ମାନଙ୍କ ଅନୁରୋଧ କ୍ରମେ ଢେଙ୍କାନାଳର ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ରାଜ୍ୟର ଉକ୍ତ ଅଗ୍ରଣୀ ସାମାଜିକ ସଂଗଠନ ଦ୍ୱାରା ପରିଚାଳିତ ଛାତ୍ରାବାସ କୁ ପରିଦର୍ଶନ ରେ ଯାଇଥିଲେ । ଫାଉଣ୍ଡେସନର ତଥା ଛାତ୍ର ମାନଙ୍କର ସମସ୍ୟା ପଚାରି ବୁଝିବା ସହ ଏକ ଛାତ୍ରୀନିବାସ ନିର୍ମାଣ ନିମନ୍ତେ ଫାଉଣ୍ଡେସନ ର କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଯୋଜନା କୁ ଅନୁଧ୍ୟାନ କରି ତାଙ୍କ ସଂସଦୀୟ କ୍ଷେତ୍ରୀୟ ଉନ୍ନୟନପାଣ୍ଠି ରୁ କିଛି ଅର୍ଥ ମଞ୍ଜୁର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ସାଂସଦ ମଧ୍ୟ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ସାମାଜିକ ସଂଗଠନ ଆମ୍ବେଦକର ଫାଉଣ୍ଡେସନର ଉନ୍ନତି କାମନା କରିଥିଲେ। ସାଂସଦ ଯୋଗଦେଇଥିବା କାର୍ଯ୍ୟକ୍ରମ ଦ୍ୱୟରେ ସାଂସଦଙ୍କ ସହ ଥିବା ବିଜେପି ନେତୃମଣ୍ଡଳୀ ମଧ୍ୟରେ ବିଶ୍ୱଜିତ ମିଶ୍ର ,ଅଜି ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାୟକ, ପ୍ରଦ୍ୟୁମ୍ନ ନାୟକ,ପ୍ରମୋଦ ପ୍ରଧାନ,ନମିତା ଦଳବେହେରା, ରୋଜାଲିନ ଦାସ ଓ ସୁଜାତା ସାହୁ ପ୍ରମୁଖ ସାମିଲ ଥିଲେ ।

## ବିଜେଡ଼ିରୁ ମହେନ୍ଦ୍ର ସାହୁ ବହିଷ୍କୃତ

# ପ୍ରତିବାଦରେ ଏନଏସି ଅଧ୍ୟକ୍ଷା, କାଉନସିଲର ଓ ବହୁ ନେତା ବିଜେଡ଼ିରୁ ଇସ୍ତଫା



ଆଠମଲ୍ଲିକ ,(ସବ୍ୟୁ): ଆଠମଲ୍ଲିକର ଜଣା ଶୁଣା ଯୁବନେତା ମହେନ୍ଦ୍ର ସାହୁ ଙ୍କୁ ଦଳ ବିରୋଧୀ କାର୍ଯ୍ୟରେ ବିଜେଡ଼ି ରୁ ବହିସ୍କୃତ କଲା ପରେ ଆଠମଲ୍ଲିକ ଅଞ୍ଚଳରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା ।

ମହେନ୍ଦ୍ର ସାହୁ ଙ୍କୁ ବିଜେଡ଼ି ରୁ ବହିଷ୍କାର ପ୍ରତିବାଦ ରେ ଏନ ଏ ସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସୱାଇଁ, କାଉନସିଲର ମଞ୍ଜରୀ ଦନ୍ତା, ସିଲି ମୁଣ୍ଡା, ମନ୍ଦୋଦରୀ ବେହେରା, ପ୍ରୀତି ନାଏକ, ଇବ୍ରାହିମ ଖାଁଙ୍କ ସମେତ ନଗର ସମ୍ପାଦକ ପ୍ରଦୀପ କୁମାର ଦାଶ, ପୂର୍ବତନ ବିଜେଡି ସଭାପତି କବିନ୍ଦ୍ର କୁମାର ଦାଶ, ଯୁବନେତା ସୁରେଶ ଦନ୍ତା, ଅବିନାଶ ଷଡ଼ଙ୍ଗୀ,, ନିରାକାର ଭୁକ୍ତା, ସୁରେଶ ଦନ୍ତା, ଭବାନୀ ଶଙ୍କର ପ୍ରଧାନ, ଦେବାନନ୍ଦ ସେଠୀ, ସୁବୋଧ ମହାକୁଡ଼, ଅସିତ ରଞ୍ଜନ ପାଢ଼ୀ, ଅବନୀ ଆଚାର୍ଯ୍ୟ, ଅରବିନ୍ଦ ଜ୍ୟୋତିଷରାୟ, ପ୍ରସନ୍ନ ଭୋଇଙ୍କ ସମେତ ବହୁ ଦଳୀୟ କର୍ମୀ ଇସ୍ତଫା ଦେଇଥିଲେ ।

# ଜଙ୍ଗଲୀ ବାର୍‌ହା ମାରି ୪ ଅଟକ: ୬ ଅଫୁଟା ବୋମା ଜବତ

ରେଙ୍ଗାଳି,(ସବ୍ୟୁ): ଜଙ୍ଗଲୀ ଜନ୍ତୁ ଶିକାର ବେଳେ ଶିକାରୀଙ୍କ ଉପରେ ମାଡ଼ିବସିଲା ବନ ବିଭାଗ ।ମୃତ ଜଙ୍ଗଲି ବାରହା ଜବତ ସହ ୪ ଶିକାରୀ ଅଟକ । ଅନୁଗୋଳ ଜିଲ୍ଲା କଣିହାଁ ବନାଞ୍ଚଳ ଅନ୍ତର୍ଗତ ରେଙ୍ଗାଳି ସେକ୍ସନର ଗଣ୍ଡମଳା ବିଟ ଗେଙ୍ଗୁଟିଆ ଗ୍ରାମ ନିକଟସ୍ଥ ବିରିପାଳ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି । ଏହି ଘଟଣାରେ ୪ ଜଣ ଶିକାରୀଙ୍କୁ ଅଟକ ରଖିବା ସହ ୬ଟି ଅଫୁଟା ବୋମା, ଗୋଟିଏ ମୋଟରସାଇକେଲ ଏବଂ ଏକ ମୃତ ଜଙ୍ଗଲୀ ବାରହାକୁ ବନ ବିଭାଗ ଜବତ କରିଛି ।ସୂଚନା ଅନୁଯାୟୀ, ଗେଙ୍ଗୁଟିଆ ନିକଟସ୍ଥ ବିରିପାଳ ସଂରକ୍ଷିତ ଜଙ୍ଗଲରେ ବୋମା ଫୁଟିବା ଶବ୍ଦ ଶୁଣିବା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା ରେଙ୍ଗାଳି ବନ ବିଭାଗର ଟିମ । ସେଠାରେ ଜଙ୍ଗଲୀ ଜନ୍ତୁ ଶିକାର ହୋଇଥିବା ଜଣାପଡ଼ିବା ପରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଖମାର ଥାନା ପରାଛାଟ ଗ୍ରାମର ରିପୁନ ମାଟିଆରୀ (୨୨), ଦିଗିକୃଷ୍ଣପୁର ଗ୍ରାମର ଯୋଗେଶ୍ୱର ପେଣ୍ଟଇ (୩୦), ପରାଛାଟର ମଳିଆ ପେଣ୍ଟଇ (୪୩), କ୍ଷେତ୍ର କିସାନ (୪୦) ପ୍ରମୁଖ ୪ ଜଣ ଶିକାରୀଙ୍କୁ ଅଟକ ରଖାଯିବା ସହ ୬ଟି ଅଫୁଟା ବୋମା, ଗୋଟିଏ ମୋଟର ସାଇକେଲ( ଓଡି ୩୫କେ ୦୫୪୫)ଏବଂ ଏକ ମୃତ ଜଙ୍ଗଲୀ ବାରହା ଜବତ କରାଯାଇଛି । ଅଟକ ଶିକାରୀଙ୍କୁ ପଚରାଉଚରା କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା କଣିହାଁ ରେଞ୍ଜର ଦେବଦତ୍ତ ସୁତାର ସୂଚନା ପ୍ରଦାନ କରିଛନ୍ତି ।




# ଏଆଇ'ର ବ୍ୟବହାର ଉପରେ ଆଇସିଏମଏଆଇ ସେମିନାର

ବଅଁରପାଳ ,(ସବ୍ୟୁ): ଆଧୁନିକ ଯୁଗରେ ଅର୍ଥ ଓ ହିସାବରକ୍ଷଣ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ଏ,ଆଇ ର ବଢୁଥିବା ଗୁରୁତ୍ୱ ଏବଂ ଏହାର ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ଅର୍ଥ ବୃତ୍ତିଜୀବୀଙ୍କୁ ସଚେତନ କରିବା ଲକ୍ଷ୍ୟରେ ଦି ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଆକାଉଣ୍ଟାଣ୍ଟସ ଅଫ ଇଣ୍ଡିଆ ପକ୍ଷରୁ ନାଲକୋ ନଗରସ୍ଥିତ ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସର ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ କେନ୍ଦ୍ରରେ ଶୀର୍ଷକରେ ଏହି ସେମିନାର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ନାଲକୋର ଡେପୁଟି ଜେନେରାଲ ମ୍ୟାନେଜର (ଫାଇନାନ୍ସ) ତଥା ଭୁବନେଶ୍ୱର ଶାଖାର ଉପାଧ୍ୟକ୍ଷ ସତ୍ୟ ସୁନ୍ଦର ମହାସୁଆର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସେ ନିଜର ବୈଷୟିକ ଅଧିବେଶନରେ ଅର୍ଥ ଓ ହିସାବରକ୍ଷଣ କ୍ଷେତ୍ରରେ ଏ,ଆଇ ର ବିଭିନ୍ନ ବ୍ୟବହାରିକ ଦିଗ ଉପରେ ଆଲୋକପାତ କରିଥିଲେ ।

ଆର୍ଥିକ ବିଶ୍ଳେଷଣ, ଗବେଷଣା, ରିପୋର୍ଟ ପ୍ରସ୍ତୁତି, ତଥ୍ୟ ଆଧାରିତ ନିଷ୍ପତ୍ତି ଗ୍ରହଣ ଏବଂ ବିଭିନ୍ନ ବୃତ୍ତିଗତ କାର୍ଯ୍ୟରେ ଏ,ଆଇ କିପରି ସହାୟକ ହୋଇପାରିବ, ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟ ଓ ଛାତ୍ରଛାତ୍ରୀଙ୍କୁ ଉପଯୋଗୀ ତଥ୍ୟ ପ୍ରଦାନ କରାଯାଇଥିଲା । ଏଥିସହ ଦ୍ରୁତ ପରିବର୍ତ୍ତନଶୀଳ ବ୍ୟବସାୟିକ ପରିବେଶରେ ନିଜର ଦକ୍ଷତା ବୃଦ୍ଧି ପାଇଁ ନୂତନ ପ୍ରଯୁକ୍ତିକୁ ଆପଣାଇବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏହି ଅବସରରେ ପୂର୍ବତନ କେନ୍ଦ୍ରୀୟ ପରିଷଦ ସଦସ୍ୟ ନିରଞ୍ଜନ ମିଶ୍ର ନିଜର ମତ ରଖିଥିବା ବେଳେ ଶାଖାର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ , ମିହିର ରଞ୍ଜନ ରଥ ଓ ନାଲକୋର ସି,ଜି,ଏମ (ଫାଇନାନ୍ସ) ହିମାଂଶୁ ଶେଖର ପଣ୍ଡା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଅର୍ଥ ବୃତ୍ତିଜୀବୀଙ୍କ ଦକ୍ଷତା ବିକାଶ ଓ ବୃତ୍ତିଗତ ଉନ୍ନତି ଦିଗରେ ଆଇ, ସି,ଏମ,ଏ,ଆଇ ଅନୁଗୋଳ ଶାଖାର ପ୍ରୟାସକୁ ପ୍ରଶଂସା କରିଥିଲେ ।ଅନୁଗୋଳ ଶାଖାର ଅଧ୍ୟକ୍ଷ ଆଲୋକ ତ୍ରିପାଠୀ ଓ ଉପାଧ୍ୟକ୍ଷ ସିତେନ୍ଦୁ ମହାରଣା ମଧ୍ୟ ସଭାକୁ ସମ୍ବୋଧିତ କରିଥିଲେ । ସେମିନାରରେ ୮୦ରୁ ଅଧିକ ସଦସ୍ୟ ଓ ଛାତ୍ରଛାତ୍ରୀ ପ୍ରତ୍ୟକ୍ଷ ଭାବେ ଏବଂ ୪୦ରୁ ଅଧିକ ଅଂଶଗ୍ରହଣକାରୀ ଅନ୍ଲାଇନ୍ରେ ଯୋଗଦେଇଥିଲେ ।

ବ୍ୟାପକ ଅଂଶଗ୍ରହଣ ଅର୍ଥ ବୃତ୍ତିଜୀବୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ,ଆଇ ଆଧାରିତ ପ୍ରଯୁକ୍ତି ପ୍ରତି ବଢୁଥିବା ଆଗ୍ରହକୁ ପ୍ରତିଫଳିତ କରିଥିଲା ।କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ମୁଖ୍ୟ ବକ୍ତା, ଅତିଥି, ବରିଷ୍ଠ ବୃତ୍ତିଜୀବୀ, ସଦସ୍ୟ ଓ ଛାତ୍ରଛାତ୍ରୀଙ୍କୁ ଶାଖା ପକ୍ଷରୁ କୃତଜ୍ଞତା ଜଣାଯାଇଥିଲା ।

## ସମ୍ପାଦକୀୟ

# ୨୦୨୯ ନିର୍ବାଚନ, କିଏ ହେବ କ୍ଷମତାସୀନ ?

୨୦୨୯ରେ ସାଧାରଣ ନିର୍ବାଚନ ଭାରତରେ କିପରି ହେବ, ଏବେଠାରୁ ସେ ସମ୍ପର୍କରେ କଳ୍ପନାଜଳ୍ପନା କରାଗଲାଣି । ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନ ସମୟରେ ଅବଶ୍ୟ ଏପରି କଳ୍ପନାଜଳ୍ପନା କରାଯାଉଥିଲା । ସମସ୍ତଙ୍କ ହାତରେ ଏବେ ଆନଡ୍ରଏଡ ମୋବାଇଲ । ସମସ୍ତେ ଏବେ ଶିକ୍ଷିତ ଓ ସଚେତନ । ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଯେ ଭାରତରେ ଆଦୌ ନାହାନ୍ତି, ସେପରି ନୁହେଁ । କିନ୍ତୁ ଏବର ଟିଭି ଓ ମୋବାଇଲ ଯୁଗରେ ସମସ୍ତେ, ସେ ଶିକ୍ଷିତ ହୁଅନ୍ତୁ ବା ଅଶିକ୍ଷିତ ହୁଅନ୍ତୁ, କିଛି ନା କିଛି ନିଜ ରାଜ୍ୟ ବା ଦେଶ ବିଷୟରେ ଜାଣୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ବିଷୟରେ ହେଉ ବା ବିରୋଧୀ ଦଳର ନେତା, କଂଗ୍ରେସ ଦଳର ରାହୁଲ ଗାନ୍ଧି ଶାସକ ଦଳ ବିରୋଧରେ ଦେଉଥିବା ସ୍ଲୋଗାନ ବିଷୟରେ ହେଉ, କିଛି ନା କିଛି ଜାଣୁଛନ୍ତି । ଏପରିକି ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବା ବିରୋଧୀ ଦଳର ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ'ଣ କରୁଛନ୍ତି ବା କ'ଣ କହୁଛନ୍ତି, ତା'ଉପରେ ସମସ୍ତେ ପ୍ରାୟ ନଜର ରଖୁଛନ୍ତି । ଏହାର ମୁଖ୍ୟ କାରଣ ସମସ୍ତଙ୍କ ହାତରେ ପ୍ରାୟ ଗୋଟିଏ ଗୋଟିଏ ଆନଡ୍ରଏଡ୍ ମୋବାଇଲ । ତେଣୁ ୨୦୨୯ରେ କିଏ ଦେଶର ପ୍ରଧାନମନ୍ତ୍ରୀ ହେବେ, ମୋଦିଜୀ ହେବେ ନା ରାହୁଲଜୀ ହେବେ ସେ ବିଷୟରେ ଚର୍ଚ୍ଚା ସାଧାରଣ ଲୋକଙ୍କ ନିକଟରେ ଚାଲିଲାଣି ଏବେ ।

**ପରିବର୍ତ୍ତିତ ପରିସ୍ଥିତିରେ ୨୦୨୪ର ସାଧାରଣ ନିର୍ବାଚନ ପରେ ଅଷ୍ଟାଦଶତମ ଲୋକସଭା ଗଠନ କରାଗଲା। ଏନ୍‌ଡିଏ ଏହି ନିର୍ବାଚନରେ ଲୋକସଭାର ୫୪୩ଟି ଆସନ ମଧ୍ୟରୁ ୨୯୩ଟି ଆସନ ହାସଲ କରି ସରକାର ଗଢ଼ିଲା । ଅପରପକ୍ଷରେ କଂଗ୍ରେସ ନେତୃତ୍ୱରେ ସହଯୋଗୀ ଇଣ୍ଡି ମେଣ୍ଟ ୨୩୪ଟି ଆସନ ହାସଲ କରି ବିରୋଧୀ ଦଳର ନେତା ପଦ ମଧ୍ୟ ହାସଲ କରିଥିଲା । ଫଳରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଓ ରାହୁଲ ଗାନ୍ଧି ବିରୋଧୀ ଦଳର ନେତା ହୋଇପାରିଛନ୍ତି । ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ଦିନରୁ ଭାରତର ପ୍ରଧାନମନ୍ତ୍ରୀ ହେବା ଯାଏଁ ଏକାଦିକ୍ରମେ ୨୫ ବର୍ଷ ଅତିକ୍ରମ କରିଛନ୍ତି । ତାଙ୍କର କେନ୍ଦ୍ର ସରକାର ମଧ୍ୟ ୧୨ ବର୍ଷ ଅତିକ୍ରମ କରିଛି । ବିରୋଧୀ ଦଳ ତାଙ୍କ ଶାସନ ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମାତ୍ର ସେସବୁ ଫଳପ୍ରଦ ନ ହୋଇ ସେହି ଏନ୍‌ଡିଏ ୨୦୨୯ରେ ସରକାର ଗଠନ କରିବେ ବୋଲି ବିଭିନ୍ନ ମହଲରେ ଆଶା ପ୍ରକାଶ ପାଇଛି ।**

ପ୍ରକୃତରେ ୨୦୨୯ରେ ଦେଶର କ୍ଷମତାସୀନ ହୋଇଥିବା ଗଣତାନ୍ତ୍ରିକ ମେଣ୍ଟର ବିଜେପି ସରକାର ଆଉ ଥରେ କ୍ଷମତାସୀନ ହେବ ନା ବିରୋଧୀ ଇଣ୍ଡି ମେଣ୍ଟର କଂଗ୍ରେସ ଦଳ କ୍ଷମତାସୀନ ହେବ ? ଅବଶ୍ୟ ଏତେ ପୂର୍ବରୁ ଏ ବିଷୟରେ ମତ ଦେବା ଠିକ୍ ହେବ ନାହିଁ । କାରଣ ଆଉ ପ୍ରାୟ ଅଢ଼େଇ ବର୍ଷ ପରେ ପରିସ୍ଥିତି ଓ ରାଜନୀତିକ ପାଣିପାଗ କିପରି ଥିବ, ଏବେଠାରୁ ସେ ବିଷୟରେ କୁହାଯିବା ଉଚିତ ନୁହେଁ । ଅବଶ୍ୟ କେହି କେହି ରାଜ୍ୟ, ରାଜନୀତିର ଭବିଷ୍ୟତ ବିଷୟରେ ଚିନ୍ତା କରୁଥିବା ବେଳେ ରାଜ୍ୟରେ କେଉଁ ଦଳ କ୍ଷମତାସୀନ ହେବ ବା କିଏ ମୁଖ୍ୟମନ୍ତ୍ରୀ ହେବେ ୨୦୨୯ରେ ସେ ବିଷୟରେ ସ୍ପଷ୍ଟ ଭାବରେ କିଛି କହିବା ମୁଷ୍କିଲ ।

ବିଗତ ୨୦୧୪ର ସାଧାରଣ ନିର୍ବାଚନ ହେବା ଲାଗି ପ୍ରସ୍ତୁତି ଚାଲିଥାଏ । ପରିବର୍ତ୍ତନ ହେବା ଲାଗି ହାଓ୍ୱା ବୋହୁଥାଏ ବୋଲି ସେତେବେଳେ ମନେ ହେଉଥାଏ । ସାଧାରଣ ନିର୍ବାଚନ ଆସିଲା । ଦେଶରେ କିଏ ପ୍ରଧାନମନ୍ତ୍ରୀ ହେବେ ବୋଲି ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଗଲା । ବିଜେପି ପକ୍ଷରୁ ଏଲ୍.କେ. ଆଡଭାନୀ ଓ ନରେନ୍ଦ୍ର ମୋଦିଙ୍କ ନାମ ଶୁଣାଯାଉଥିଲା । ଏପରିକି କଂଗ୍ରେସ ଦଳ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନାମ ମଧ୍ୟ ଚର୍ଚ୍ଚାର ପରିଧି ମଧ୍ୟକୁ ଆସୁଥିଲା । ମାତ୍ର ଶେଷ ମୁହୂର୍ତ୍ତରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବେ ବୋଲି ଜଣାପଡ଼ିଲା । ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସହଯୋଗୀ ଦଳଗୁଡ଼ିକର ବହୁମତ ଅନୁଯାୟୀ ବିଜେପି ନେତା ନରେନ୍ଦ୍ର ମୋଦି ଏନ୍‌ଡିଏର (ଜାତୀୟ ଗଣତାନ୍ତ୍ରିକ ମେଣ୍ଟ) ନେତା ନର୍ବାଚିତ ହେଲେ ।

ଲୋକସଭାର ୫୦୩ ଆସନ ମଧ୍ୟରୁ ଏହି ମେଣ୍ଟ ୩୩୫ ଆସନ ଲାଭ କରି କ୍ଷମତାକୁ ଆସିଥିଲା । ସେଥିମଧ୍ୟରୁ କେବଳ ବିଜେପି ୨୮୨ଟି ଆସନରୁ ଜୟଯୁକ୍ତ ହୋଇଥିଲା । କଂଗ୍ରେସ ଓ ତାହାର ସହଯୋଗୀ ଦଳ ସେତେବେଳେ ମାତ୍ର ୬୦ଟି ଆସନ ପାଇଥିଲା । ଆବଶ୍ୟକୀୟ ସଂଖ୍ୟା ନ ଥିବାରୁ କଂଗ୍ରେସ ଓ ତାହାର ସହଯୋଗୀ ଦଳଗୁଡ଼ିକ ଲୋକସଭାରେ ବିରୋଧୀ ଦଳର ନେତା ପଦବୀ ମଧ୍ୟ ହରାଇଥିଲେ ।

ପରିବର୍ତ୍ତିତ ପରିସ୍ଥିତିରେ ୨୦୨୪ର ସାଧାରଣ ନିର୍ବାଚନ ପରେ ଅଷ୍ଟାଦଶତମ ଲୋକସଭା ଗଠନ କରାଗଲା । ଏନ୍‌ଡିଏ ଏହି ନିର୍ବାଚନରେ ଲୋକସଭାର ୫୪୩ଟି ଆସନ ମଧ୍ୟରୁ ୨୯୩ଟି ଆସନ ହାସଲ କରି ସରକାର ଗଢ଼ିଲା । ଅପରପକ୍ଷରେ କଂଗ୍ରେସ ନେତୃତ୍ୱରେ ସହଯୋଗୀ ଇଣ୍ଡି ମେଣ୍ଟ ୨୩୪ଟି ଆସନ ହାସଲ କରି ବିରୋଧୀ ଦଳର ନେତା ପଦ ମଧ୍ୟ ହାସଲ କରିଥିଲା । ଫଳରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଓ ରାହୁଲ ଗାନ୍ଧି ବିରୋଧୀ ଦଳର ନେତା ହୋଇପାରିଛନ୍ତି ।

ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ଦିନରୁ ଭାରତର ପ୍ରଧାନମନ୍ତ୍ରୀ ହେବା ଯାଏଁ ଏକାଦିକ୍ରମେ ୨୫ ବର୍ଷ ଅତିକ୍ରମ କରିଛନ୍ତି । ତାଙ୍କର କେନ୍ଦ୍ର ସରକାର ମଧ୍ୟ ୧୨ ବର୍ଷ ଅତିକ୍ରମ କରିଛି । ବିରୋଧୀ ଦଳ ତାଙ୍କ ଶାସନ ବିରୋଧରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ମାତ୍ର ସେସବୁ ଫଳପ୍ରଦ ନ ହୋଇ ସେହି ଏନ୍‌ଡିଏ ୨୦୨୯ରେ ସରକାର ଗଠନ କରିବେ ବୋଲି ବିଭିନ୍ନ ମହଲରେ ଆଶା ପ୍ରକାଶ ପାଇଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ବିକାଶ ଦରରେ ଦ୍ରୁତ ପ୍ରଗତି



**କିଶୋର ଚନ୍ଦ୍ର ଜେନା**

ନିକଟରେ ବିଶ୍ୱବ୍ୟାଙ୍କ, ଦାରିଦ୍ର୍ୟ ରେଖାର ସ୍ଥିତିକୁ ନେଇ ଲୋକଙ୍କର ଏକ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଅଛନ୍ତି। ଏହି ନୂତନ ମାନଦଣ୍ଡ ଗରିବୀର ଆର୍ଥିକ ସ୍ଥିତିର ସୀମାକୁ ପ୍ରତିଦିନ ୨.୧୫ ଡଲାରରୁ ୩.୦୦ ଡଲାରକୁ ବୃଦ୍ଧି କରିଛି । ନୂତନ ମାନଦଣ୍ଡ ଭାରତରେ ଅତ୍ୟଧିକ ଗରିବୀ ନିରାକରଣର ସ୍ପଷ୍ଟଚିତ୍ର ପ୍ରଦାନ କରୁଛି । ଭାରତର ନିରନ୍ତର ଆର୍ଥିକ ଅଭିବୃଦ୍ଧି ଏକ ମହତ୍ୱପୂର୍ଣ୍ଣ ଏବଂ ଐତିହାସିକ ନିଷ୍ପତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ପରନ୍ତୁ ଏହି ଅଭିବୃଦ୍ଧି କ'ଣ ପୂର୍ବସ୍ଥିତିଠାରୁ ଅଧିକ ମଜଭୁତ? ଏହି ପ୍ରଶ୍ନର ଉତ୍ତର ନିମ୍ନରେ ଦାରିଦ୍ର୍ୟ ବ୍ୟାଖ୍ୟାନ ହିଁ ଦେଇପାରିବ । ବର୍ତ୍ତମାନ ଦେଶରେ ଆର୍ଥିକସ୍ଥିତିକୁ ଅନୁଶୀଳନ କଲେ ଜଣାପଡୁଛି ଯେ, ଦେଶରେ ଦାରିଦ୍ର୍ୟ ଦିନ ପ୍ରତିଦିନ ହ୍ରାସ ହେବାରେ ଲାଗିଛି । ବିଶ୍ୱବ୍ୟାଙ୍କର ସଦ୍ୟ ଆକଳନ ଅନୁସାରେ, ୨୦୧୧-୧୨ରେ ଦାରିଦ୍ର୍ୟ ଦର ୨୭ ପ୍ରତିଶତ ଥିବାବେଳେ ୨୦୨୨-୨୩ ବର୍ଷରେ ଏହା କମିଯାଇ ୫.୩ ଫିସଦିରେ ପହଞ୍ଚିଛି । ଏହି ଆକଳନ ଭାରତ ପାଇଁ ଏକ ମହତ୍ୱପୂର୍ଣ୍ଣ ଘଟଣା। ଏକ ଲମ୍ବିତ କାଳଖଣ୍ଡର ଅନ୍ତରାଳ ପରେ ଏହି ତଥ୍ୟ ଦେଶର ସାମ୍ନାରେ ବିଶ୍ୱବ୍ୟାଙ୍କ ନିକଟରେ ଦାରିଦ୍ର୍ୟ ନିର୍ଦ୍ଧାରଣର ନୂତନ ଉପସ୍ଥାପିତ ମାନଦଣ୍ଡ ଅନୁଯାୟୀ ଏହାର ଆର୍ଥିକସୀମାକୁ ୨.୧୫ ଡଲାରକୁ ବୃଦ୍ଧି କରି ୩.୦୦ ଡଲାର କରିଛି । ଏହି ନୂତନ ମାନଦଣ୍ଡ ଅନୁସାରେ ଭାରତରେ ଗରିବୀ ସଂଖ୍ୟା ଉଲ୍ଲେଖନୀୟ ହ୍ରାସ ପାଇଛି । ଅତ୍ୟନ୍ତ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ସଂଖ୍ୟା ୩୪ କୋଟି ୪୦ ଲକ୍ଷ ୪୭ ହଜାରରୁ ହ୍ରାସ ପାଇ ୭ କୋଟି ୫୦ ଲକ୍ଷ ୨୦ ହଜାରକୁ ଖସିଛ ।

ବିଶ୍ୱବ୍ୟାଙ୍କ ଓ ଅନ୍ତଃରାଷ୍ଟ୍ରୀୟ ମୁଦ୍ରାକୋଷର ବାର୍ଷିକ ବୈଠକରେ ଦୁଇଥର ଉପସ୍ଥାପିତ ଦାରିଦ୍ର୍ୟ ଏହି ଅସମାନତା ଆଧାରିତ ତଥ୍ୟ କୌଣସି ଦେଶ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ଏକ ସ୍ପଷ୍ଟ ଛବି ପ୍ରଦାନ କରେ। ରିପୋର୍ଟ ଅନୁସାରେ, ଗ୍ରାମୀଣ କ୍ଷେତ୍ରରେ ଅତ୍ୟଧିକ ଦାରିଦ୍ର୍ୟ ବର୍ଷ ୨୦୧୧-୧୨ରେ ୧୮.୪ ପ୍ରତିଶତ ଥିବାବେଳେ ତାହା ୨୦୨୨-୨୩ରେ ହ୍ରାସ ପାଇ ୨.୮ ଫିସଦରେ ପହଞ୍ଚିଛି । ସହର କ୍ଷେତ୍ରରେ ଅତ୍ୟଧିକ ଦାରିଦ୍ର୍ୟ ବର୍ଷ ୨୦୧୧-୧୨ରେ ୧୦.୭ ପ୍ରତିଶତରୁ ହ୍ରାସ ପାଇ ୧.୧ ପ୍ରତିଶତରେ ପହଞ୍ଚିଛି । ଏହା ଗ୍ରାମୀଣ ଏବଂ ସହର କ୍ଷେତ୍ରରେ ଯଥାକ୍ରମେ ଗରିବୀର ଅନ୍ତର ମଧ୍ୟରେ ଫରକ୍ ୭.୭ ପ୍ରତିଶତରୁ ହ୍ରାସ ପାଇ ୧.୭ ପ୍ରତିଶତ ହୋଇଛି । ଏହା ବ୍ୟତୀତ ଭାରତ ମଧ୍ୟ ସାମଗ୍ରିକ ଦାରିଦ୍ର୍ୟ ଦୂରୀକରଣକୁ ହ୍ରାସ କରିବାରେ ସକ୍ଷମ ହୋଇଛି । ସାମଗ୍ରିକ ଦାରିଦ୍ର୍ୟ ଦୂରୀକରଣ ସୂଚକାଙ୍କ ଅନୁସାରେ ୨୦୦୫-୦୬ରେ ୫୩.୮ ଦଶମିକରୁ ହ୍ରାସ ପାଇ ୧.୦ ହୋଇଥିବା ବେଳେ ୨୦୧୮-୨୧ ପର୍ଯ୍ୟନ୍ତ ୧.୬ ଦଶମିକରେ ଥିଲା ଯାହାକି ୨୦୨୨-୨୩ ବର୍ଷରେ ଏହା ଅଧିକ ହ୍ରାସ ପାଇ ୧୫.୫ ଦଶମିକ ହୋଇଗଲା । ଏହା କେବଳ ସୂଚକାଙ୍କ ଏକ ଆକଳନରେ ସୀମିତ ନୁହେଁ । ଏହି ଆକଳନ କୋଟିକୋଟି ପରିବାର ଆର୍ଥିକ ପରିସ୍ଥିତିର ପରିବର୍ତ୍ତନର କାହାଣୀକୁ ରେଖାଙ୍କିତ କରେ।

ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ପଶ୍ଚିମ ବଙ୍ଗଳା ସମୂହ ରାଜ୍ୟ, ଯେଉଁମାନେ ୨୦୧୧ରେ ସବୁଠାରୁ ଗରିବ ରାଜ୍ୟ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ଏମାନଙ୍କର ଦାରିଦ୍ର୍ୟ ଦୂରୀକରଣରେ ନିରାକରଣରେ ଯୋଗଦାନ ଏହାର ପରିପୂର୍ଣ୍ଣ ବିଷୟ ଅଟେ । କିନ୍ତୁ ଏହି ରାଜ୍ୟଗୁଡ଼ିକର ଦାରିଦ୍ର୍ୟ ଦୂରୀକରଣର ଭୂମିକା ଦୁଇତୃତୀୟାଂଶ ଅଟେ । ଏହା କେବଳ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରେ ନାହିଁ ବରଂ ଦାରିଦ୍ର୍ୟ ଦୂରୀକରଣ ହ୍ରାସର ନର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଦ୍ରୁତ ବଳ ପ୍ରଦାନ କରିବାରେ ସାହାଯ୍ୟ କରେ।

ଆମ ଦେଶରେ ଦାରିଦ୍ର୍ୟର ବହୁତ କାରଣ ଅଛି । ତନ୍ମଧ୍ୟରୁ ଗ୍ରାମୀଣ କ୍ଷେତ୍ରରେ ସାମନ୍ତବାଦୀଙ୍କର ଉପଦ୍ରବ ଅନ୍ୟତମ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭୂମିସୁଧାର ଉପରେ ଉପାୟ ଆଜି ମଧ୍ୟ ଅସମ୍ପୂର୍ଣ୍ଣ ଏବଂ ଅସମାପ୍ତ । ପରିଣାମ ସଦୃଶ ଏବେ ମଧ୍ୟ ଭୂମି ଉପରେ ବଡ଼ ବଡ଼ କୃଷକଙ୍କ ଅଧିକାର ବଳବତ୍ତର ରହିଛି । ଛୋଟ ଛୋଟ ଭୂମିହୀନ କୃଷକଙ୍କ ସଂଖ୍ୟା ବହୁଳ ଭାବରେ ବୃଦ୍ଧି ଘଟିଛି । ଯାହାଫଳରେ ସବୁ ଭୂମିହୀନ ମଜଦୂର କିଷାନ, ଅନ୍ୟ କ୍ଷେତ୍ରରେ କର୍ମରତ ମଜଦୂର ଶ୍ରମିକ ପରିବାର ଆଜି ଗରିବ ଶ୍ରେଣୀରେ ଅନ୍ତର୍ଭୁକ୍ତ । ନିରନ୍ତର ଜନସଂଖ୍ୟା ଅଭିବୃଦ୍ଧି ଅନୁଯାୟୀ ଭୂମି ମଧ୍ୟ ସେହିପରି ସମ୍ୟକ ସ୍ଥିତିରେ ଅଛି । ଶ୍ରମଉତ୍ପାଦକତା ଏବଂ ପ୍ରତି ବ୍ୟକ୍ତିର ବାସ୍ତବତାଠାରୁ ଆୟରେ କ୍ରମଶଃ ହ୍ରାସ ଘଟୁଅଛି । କୃଷିକ୍ଷେତ୍ରରେ ପରିବର୍ତ୍ତନ ଏବଂ କୃଷିଉତ୍ପାଦନର ସମର୍ଥନ ମୂଲ୍ୟରେ ଅଭିବୃଦ୍ଧିର ଲାଭରେ ବଡ଼ କୃଷକଙ୍କର ଅଧିକାରୀ ଆଦି ଅନେକ କାରଣ ଦାରିଦ୍ର୍ୟର କାରଣ ଭାବରେ ଗଣାଯାଏ।

ତଥାପି, ଭାରତ ବୈଶ୍ୱିକ ଦାରିଦ୍ର୍ୟ ଉନ୍ମୂଳନ ଲକ୍ଷ୍ୟ ଦିଗରେ କ୍ଷିପ୍ର ଗତିରେ ଅଗ୍ରସର ଓ ବିଶ୍ୱବ୍ୟାଙ୍କର ଏହି ରିପୋର୍ଟ ଏହାକୁ ସ୍ପଷ୍ଟ ଭାବରେ ପ୍ରମାଣିତ କରେକି ଯେ ନୀତି, ପ୍ରୟାସ ଏବଂ ଜନ ସହଭାଗିତା ଦ୍ୱାରା ଦାରିଦ୍ର୍ୟ ଭଳି ଆହ୍ୱାନକୁ ରୋକାଯାଇ ପାରିବ । ଏହି ସ୍ଥିତିରେ ଅନେକ ସନ୍ଦର୍ଭ ମଧ୍ୟ ଅତ୍ୟଧିକ ଦାରିଦ୍ର୍ୟ ଉନ୍ମୂଳନର ସ୍ଥିତି ଓ ଉପାୟକୁ ରେଖାଙ୍କିତ କରେ । ଏହାର ମୁଖ୍ୟ କାରଣ ହେଲା ଆର୍ଥିକ ସ୍ଥିତିର ନିରନ୍ତର ଅଭିବୃଦ୍ଧି ଏବଂ ଠୋସ୍ ନୀତି ନିର୍ଦ୍ଧାରଣ । ବିଗତ କିଛି ବର୍ଷରେ, ଭାରତ ସରକାରଙ୍କ ଦ୍ୱାରା କେତେଗୁଡ଼ିଏ ଠିକ୍ ନୀତି ନିର୍ଦ୍ଧାରଣ କରାଯାଇଅଛି । ସରକାର ମଧ୍ୟ ନାଗରିକଙ୍କର ଦ୍ୱିତୀୟ ସ୍ଥିରତା ସୁଦୃଢ଼ୀକରଣ ସହିତ ଅର୍ଥବ୍ୟବସ୍ଥାରେ ସାମଗି କବିକାଶ ଧାରାର ଲାଭ ଉଠାଇବାର ଉପାୟ ଏବଂ ବ୍ୟବସ୍ଥାର ଠିକ୍ ଉପାୟକରଣ ଓ ନୀତି ନିର୍ଦ୍ଧାରଣ କରିଛନ୍ତି। ନିଶ୍ଚିତ ଭାବରେଏହି ଉପଲବ୍ଧିତାରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ, ଆର୍ଥିକ ବିକାଶ ଏବଂ ବିଭିନ୍ନ ଗ୍ରାମୀଣ ରୋଜଗାର ଯୋଜନାଗୁଡ଼ିକର ବଡ଼ ଭୂମିକା ଅନ୍ତର୍ଭୁକ୍ତ । ନିଃସନ୍ଦେହ, ଏହା ଭିତରେ ସବୁଠାରୁ ବଡ଼ ବିଷୟ ହେଲା ଗରିବ ଲୋକଙ୍କର ଆୟ ଅଭିବୃଦ୍ଧିର ଉପାୟ ।

ସାର୍ବଜନୀନ ବିତରଣ ପ୍ରଣାଳୀର ସୁଧାର, ପ୍ରତ୍ୟକ୍ଷ ଲାଭର ହସ୍ତାନ୍ତରୀକରଣ, ବିଦ୍ୟୁତ ଏବଂ ଆବାସର ଉଚିତ ଏବଂ ସଠିକ୍ ବିତରଣରେ ଗ୍ରାମୀଣ ଓ ଅର୍ଦ୍ଧସହରୀ ଲୋକଙ୍କ ଜୀବନଧାରାରେ ଉତ୍କୃଷ୍ଟ ଗୁଣ ବା ଧାରାର ପରିବର୍ତ୍ତନ, ଯାହାର ଫଳ ଆମ ସାମ୍ନାରେ । କିନ୍ତୁ ଯେଉଁଠାରେ ଆମ୍ଭେ ଦାରିଦ୍ର୍ୟ ଦୂରୀକରଣର ସଫଳତାରେ ଆତ୍ମମୁଗ୍ଧ । ତଥାପି ସେହି ସମାଜରେ ଅସମାନତାର ଅଭିବୃଦ୍ଧୀକରଣ ମଧ୍ୟ ଚିନ୍ତାର ବିଷୟ ହେବା ଦରକାର । ବିଗତ ବର୍ଷରେ ଜାରି ବିଶ୍ୱ ଅସମାନତା ରିପୋର୍ଟ ୨୦୨୨ରୁ ଜଣାପଡୁଛି ଯେ ଭାରତରେ କେତେକ ଲୋକଙ୍କ ସମ୍ପତ୍ତିରେ ବହୁତ ବଡ଼ ଅଭିବୃଦ୍ଧି ଘଟିଛି । ଏହି ଲୋକମାନେ ଦେଶରେ ୪୦ ଦଶମିକ ସମ୍ପତ୍ତିର ମାଲିକ । ଏହି ଅସମାନତା ନିଶ୍ଚିତ ଭାବରେ ଚିନ୍ତାଜନକ ଏବଂ ଏହାର ସ୍ଥାୟୀ ସମାଧାନ ନିଶ୍ଚିତ ଭାବରେ ହେବା ଦରକାର।

ଏହା ମଧ୍ୟ ଠିକ୍ ଯେ ବିଗତ ଏକ ଦଶକର କାଳଖଣ୍ଡରେ ରୋଜଗାରର ମଧ୍ୟ ବୃଦ୍ଧି ଘଟିଛି ଏବଂ ଗ୍ରାମୀଣ ଏବଂ ସହରର ଉଭୟ କ୍ଷେତ୍ରରେ ଉଲ୍ଲେଖନୀୟ ସୁଧାର ହୋଇଅଛି । ଏହି ସମୟ ମଧ୍ୟରେ ଭାରତରେ ମଧ୍ୟ ସାମଗ୍ରିକ ଦାରିଦ୍ର୍ୟ ଦୂରୀକରଣରେ ସଫଳତା ମିଳିଛି । ସଂଘୀୟ ଶାସନ ପରିଚାଳିତ ଏତେ ବଡ଼ ବିବିଧତାପୂର୍ଣ୍ଣ ଦେଶର ନୀତି ନିର୍ମାଣରେ ଆହ୍ୱାନକୁ ସାମ୍ନା କରି ସଫଳତା ମିଳିବା ନିଶ୍ଚିତ ଭାବରେ ଏକ ବିରଳ ଘଟଣା । କେନ୍ଦ୍ର ସରକାର ମଧ୍ୟ କେତେକ ପ୍ରତିକୂଳ ଏବଂ କଠିନ ପରିସ୍ଥିତି ସତ୍ତ୍ୱେ ସମୟୋପଯୋଗୀ ଉଚିତ ନିର୍ଣ୍ଣୟ ଏବଂ ଠୋସ୍ ନୀତି ନିର୍ଣ୍ଣୟ ମୁତାବକ ଲୋକଙ୍କ ପାଖରେ ବିକାଶ ଧାରାକୁ ପହଞ୍ଚାଇବା ସରକାରଙ୍କର ଉତ୍ତର ଦାୟିତ୍ୱବୋଧର ଏକ ବଡ଼ ଉଦାହରଣ । ତଥାପି ମଅସମାନତା, ବେରୋଜଗାରୀ ଏବଂ କେତେକ ବୁନିୟାଦି ସେବା ପ୍ରଦାନରେ ଶିଥିଳତା ଏବେ ମଧ୍ୟ ଏକ ଆହ୍ୱାନ ଭାବରେ ଆମ ପାଖରେ ଦଣ୍ଡାୟମାନ ।

**ଭାରତର ବିକାଶଧାରାର କଥା ଓ ଗାଥାର କାହାଣୀ ତେବେ ଲେଖାଯାଇ ପାରିବ, ଯେବେ ଆମ୍ଭେ ଅସମାନତାର ଅସ୍ପୃଶ୍ୟତାକୁ ଦୂରକରି ଦାରିଦ୍ର୍ୟକୁ ହ୍ରାସ କରି ଏକ ରାସ୍ତାରେ ଅଗ୍ରସର ହେବା । ଏହା ସମ୍ଭବ ହେବ ଯେବେ ସରକାରଙ୍କର କଲ୍ୟାଣକାରୀ ଯୋଜନା ଏବଂ ନୀତିଗୁଡ଼ିକ କେବଳ ସବୁ ଗରିବଙ୍କୁ ଗରିବତ୍ୱରୁ ମୁକ୍ତି ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବ ।**

ଭାରତର ବିକାଶଧାରାର କଥା ଓ ଗାଥାର କାହାଣୀ ତେବେ ଲେଖାଯାଇ ପାରିବ, ଯେବେ ଆମ୍ଭେ ଅସମାନତାର ଅସ୍ପୃଶ୍ୟତାକୁ ଦୂରକରି ଦାରିଦ୍ର୍ୟକୁ ହ୍ରାସ କରି ଏକ ରାସ୍ତାରେ ଅଗ୍ରସର ହେବା । ଏହା ସମ୍ଭବ ହେବ ଯେବେ ସରକାରଙ୍କର କଲ୍ୟାଣକାରୀ ଯୋଜନା ଏବଂ ନୀତିଗୁଡ଼ିକ କେବଳ ସବୁ ଗରିବଙ୍କୁ ଗରିବତ୍ୱରୁ ମୁକ୍ତି ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବ । ଆର୍ଥିକ କଲ୍ୟାଣକାରୀ ନୀତିର ଉଦ୍ଦେଶ୍ୟ ସରକାରଙ୍କ ମୁକ୍ତ ଅନ୍ନାଦି ପରିବର୍ତ୍ତେ ସେମାନଙ୍କୁ ନିଜ ଗୋଡ଼ରେ ଠିଆ କରାଇବା ଓ ଆତ୍ମନିର୍ଭରଶୀଳ କରିବା । ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ଦିଗରେ କେନ୍ଦ୍ର ସରକାର କେତେକ ଦିଗରେ ଯୋଜନା ଉପରେ ତୀବ୍ର ଆର୍ଥିକ ସୁଧାର ଉପରେ ଗୁରୁତ୍ୱ ଦେଉଛନ୍ତି । ଯାହା ବିଳମ୍ବ ହେଉ ପଛେ ଠିକ୍ ହେଉ ଯାହା ଦ୍ୱାରା ଦାରିଦ୍ର୍ୟ ଉନ୍ମୂଳନ ପ୍ରକ୍ରିୟା ନିଶ୍ଚିତ ଭାବରେ ଫଳପ୍ରସୂ ହେବ।

**ଜଗନ୍ନାଥ ନଗର, ଭୁବନେଶ୍ୱର**
**ମୋ: ୯୪୩୭୦୪୧୩୦୦**

# ଆମ ସୁରକ୍ଷା ବାହିନୀରେ ଅବସାଦଜନିତ ଅଘଟଣ



**ବିଜନ କୁମାର ମହାପାତ୍ର**

ଭାରତର ଅର୍ଦ୍ଧସାମରିକ ଓ ସଶସ୍ତ୍ର ବାହିନୀରେ ସହକର୍ମୀଙ୍କ ମଧ୍ୟରେ ଗୁଳିଚାଳନା ଓ ଆତ୍ମହତ୍ୟା ଭଳି ଘଟଣା ନିୟମିତ ବ୍ୟବଧାନରେ ଘଟିବା ଅତି ଚିନ୍ତାର ବିଷୟ ହୋଇଛି । ନିକଟରେ ଜାମ୍ମୁ ଓ କାଶ୍ମୀରର କଠୁଆ ଜିଲ୍ଲାରେ ପୁଣି ଥରେ ଘଟିଛି ଏଭଳି ଏକ ଘଟଣା । ସେପ୍ଟେମ୍ବର ୨୯ ତାରିଖରେ ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ଜଣେ ହେଡ୍ କନଷ୍ଟେବଲ ନିଜର ସର୍ଭିସ ଏ.କେ ୪୭ ରାଇଫଲରୁ ଗୁଳି ଚଳାଇବାରୁ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ୍ ଓ ଅନ୍ୟ ତିନି ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା । ସାମାନ୍ୟ ଯୁକ୍ତିତର୍କକୁ କେନ୍ଦ୍ର କରି ଏଭଳି ଘଟିଥିବା କୁହାଯାଉଛି । ଏଭଳି ହତ୍ୟାକାଣ୍ଡକୁ ଇଂରାଜୀରେ 'ଫ୍ରାଟ୍ରିସାଇଡ୍' କୁହାଯାଏ । ଆମଦେଶରେ ଅର୍ଦ୍ଧସାମରିକ ବାହିନୀ ଓ ସଶସ୍ତ୍ର ବାହିନୀରେ ସହକର୍ମୀଙ୍କୁ ହତ୍ୟା ଓ ଆତ୍ମହତ୍ୟା ଭଳି ଘଟଣାରେ ଗତ କିଛିବର୍ଷରେ ଅନେକ ଜୀବନ ଯାଇଛି ।

କଠୁଆ ଘଟଣା ପୁଣି ଥରେ ଆମ ଦେଶର କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ -ସିଏପିଏଫ୍ ଓ ସଶସ୍ତ୍ର ବାହିନୀରେ ଘଟୁଥିବା ଆତ୍ମହତ୍ୟା ଓ ସହକର୍ମୀଙ୍କୁ ହତ୍ୟା ଭଳି ଅତି ସମ୍ବେଦନଶୀଳ ପ୍ରସଙ୍ଗକୁ ଉଜାଗର କରିଛି । ତେବେ, ଏଭଳି କାହିଁକି ବାରମ୍ବାର ଘଟୁଛି ? ଏଭଳି ଘଟଣାର ପ୍ରତିକାର କ'ଣ କିଛି ନାହିଁ କି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣରେ ରହିଛି ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ । ସିଏପିଏଫ୍‌ରେ ସିଆରପିଏଫ୍, ବିଏସ୍‌ଏଫ, ସିଆଇଏସଏଫ୍, ଆସାମ ରାଇଫଲ୍ସ, ଇଣ୍ଡୋ-ତିବ୍ବତ ବର୍ଡର ପୋଲିସ, ନ୍ୟାସନାଲ ସିକ୍ୟୁରିଟି ଗାର୍ଡ ଓ ସଶସ୍ତ୍ର ସୀମା ବଳ ଭଳି ଅର୍ଦ୍ଧସାମରିକ ବାହିନୀ ଅଛନ୍ତି । ସରକାରୀ ତଥ୍ୟ ଅନୁସାରେ ୨୦୧୭ରୁ ୨୦୨୫ ମଧ୍ୟରେ ସିଏପିଏଫ୍‌ର ୬୪ ଜଣ ଯବାନ ନିଜ ସହକର୍ମୀଙ୍କ ଗୁଳିରେ ନିହତ ହୋଇଥିବା ବେଳେ ୧ ହଜାର ୧୨୬ ଜଣ ଯବାନ ଆତ୍ମହତ୍ୟା କରିଛନ୍ତି । ଏହି ସଂଖ୍ୟା ନିଶ୍ଚିତ ଭାବେ ଉଦବେଗଜନକ ।

ସିଏପିଏଫ୍‌ର ଅନେକ ଯବାନ ବା ସୁରକ୍ଷାକର୍ମୀ ଅତି କଠିନ ପରିସ୍ଥିତିରେ ଘଣ୍ଟା ଘଣ୍ଟା ଧରି ଡ୍ୟୁଟି କରିଥାଆନ୍ତି । ହାଇରିସ୍କ ଏରିଆରେ ବର୍ଷ ବର୍ଷ ଧରି ମୁତୟନ ହେବା, ପ୍ରତିକୂଳ ପାଗର ସାମ୍ନା କରିବା, ଲମ୍ବା ଡ୍ୟୁଟି ଆଓ୍ୱାର, ଅତି ସୀମିତ ସମୟ ପାଇଁ ବିଶ୍ରାମ ଓ ବହୁ ସମୟ ଧରି ପରିବାରବର୍ଗଙ୍କଠାରୁ ଦୂରେଇ ରହିବା ଯବାନଙ୍କୁ ଉଭୟ ଶାରିରୀକ ଓ ମାନସିକ ଭାବେ ପ୍ରଭାବିତ କରିଥାଏ । ଏଭଳି ଆହ୍ୱାନମୂଳକ ସ୍ଥିତିରେ ଧୈର୍ଯ୍ୟଚ୍ୟୁତି ଘଟିବା ସ୍ୱାଭାବିକ । ପରିଣାମ ସ୍ୱରୂପ ଆତ୍ମହତ୍ୟା ଓ ଫ୍ରାଟ୍ରିସାଇଡ୍ ଭଳି ଘଟଣା ଘଟୁଥିବା ଖୋଦ୍ ସରକାର ବି ସ୍ୱୀକାର କରିଛନ୍ତି । କିନ୍ତୁ ନିୟମିତ ବ୍ୟବଧାନରେ ଏଭଳି ଘଟଣା ଗଭୀର ଉଦବେଗର ବିଷୟ ନିଶ୍ଚିତ । ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟରତ ଯବାନଙ୍କ ମାନସିକ ସ୍ଥିତି ଓ ବ୍ୟବହାର ଉପରେ ସମ୍ବେଦନଶୀଳ ଭାବେ ଦୃଷ୍ଟି ରଖିବା ଜରୁରୀ ମନେହୁଏ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଡ୍ୟୁଟି କରୁଥିବା ବେଳେ ସୁରକ୍ଷାକର୍ମୀଙ୍କ ହାତରେ ବନ୍ଧୁକ, ରାଇଫଲ ରହିବା ଅନିବାର୍ଯ୍ୟ । ତେଣୁ ସାଧାରଣ କଥା କଟାକଟି ଓ ବଚସା ଉଗ୍ର ରୂପ ନେଲେ ସହକର୍ମୀଙ୍କ ମଧ୍ୟରେ ଗୁଳିଚାଳନା ହେବା ଆଶଙ୍କା ସର୍ବଦା ରହିଥାଏ । କେବଳ ସିଏପିଏଫ୍ ନୁହେଁ, ଭାରତୀୟ ସଶସ୍ତ୍ର ବାହିନୀରେ ମଧ୍ୟ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଥିବା ଉଦାହରଣ ରହିଛି । ସଂସଦୀୟ ତଥ୍ୟ ଅନୁସାରେ ସ୍ଥଳସେନା ଓ ବାୟୁସେନାରେ ସହକର୍ମୀଙ୍କ ଦ୍ୱାରା ସହକର୍ମୀଙ୍କୁ ଗୁଳିମାଡ ଘଟଣା ଏକାଧିକ ଥର ଘଟିଛି । ୨୦୨୩ରେ ଭଟିଣ୍ଡା ମିଲିଟାରୀ ଷ୍ଟେସନରେ ୮୦ ମିଡିୟମ ରେଜିମେଣ୍ଟର ଚାରି ଜଣ ଯବାନ ଜଣେ ସହକର୍ମୀଙ୍କ ଗୁଳିର ଶିକାର ହୋଇଥିଲେ । ବ୍ୟକ୍ତିଗତ ଶତ୍ରୁତା କାରଣରୁ ଜଣେ ସୈନ୍ୟ ଚାରି ସହକର୍ମୀଙ୍କୁ ହତ୍ୟା କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା । ସେହିବର୍ଷ ହିଁ ୪୮ ରାଷ୍ଟ୍ରୀୟ ରାଇଫଲ୍ସର ଜଣେ ମେଜର ନିଜର ସହକର୍ମୀଙ୍କ ଉପରକୁ ଗୁଳି ଚାଳନା କରିବା ସହ ଗ୍ରେନେଡ୍ ମାଡ କରିଥିବା ଅଭିଯୋଗ ହୋଇଥିଲା । ଏଥିରେ ଆହତ ହୋଇଥିଲେ ଏକାଧିକ ଅଫିସର । ସେନା ପକ୍ଷରୁ ଏହି ଘଟଣାକୁ ସମ୍ଭାବ୍ୟ 'ଗ୍ରେନେଡ୍ ଦୁର୍ଘଟଣା' ବୋଲି କୁହାଯାଇଥିଲା ।

ସଶସ୍ତ୍ର ବାହିନୀରେ 'ଫ୍ରାଟ୍ରିସାଇଡ' ଓ ଆତ୍ମହତ୍ୟା ଘଟଣା ପାଇଁ ଅତିଶୟ ଅବସାଦ ଓ ସୁରକ୍ଷାକର୍ମୀଙ୍କ ବ୍ୟକ୍ତିଗତ ଜୀବନର ଚାପ ପ୍ରମୁଖ କାରଣ ବୋଲି ବାରମ୍ବାର କୁହାଯାଇଛି । ଗୋଟିଏ ଦୁର୍ଗମ ଓ କଠିନ ଜାଗାରେ ବର୍ଷ ବର୍ଷ ଧରି ପୋଷ୍ଟିଂ ଓ ଘର ପରିବାରଠାରୁ ଦୂରେଇ ହୋଇ ରହିବା ଯୋଗୁ ଯବାନମାନେ ସର୍ବଦା ମାନସିକ ଚାପରେ ଥାଆନ୍ତି । ସମସ୍ତଙ୍କର ମଧ୍ୟ ପରିସ୍ଥିତି ସହ ଖାପ ଖୁଆଇ ରହିବା ସାମର୍ଥ୍ୟ ନଥାଏ । ସିଏପିଏଫ୍ ଓ ସଶସ୍ତ୍ର ବାହିନୀରେ ସହକର୍ମୀଙ୍କ ଦ୍ୱାରା ହତ୍ୟା ଓ ଆତ୍ମହତ୍ୟା ଘଟଣାର କାରଣ ସଂପର୍କରେ ଅଧ୍ୟୟନ ପାଇଁ ୨୦୨୨ରେ ଟାସ୍କଫୋର୍ସ ଗଠନ କରିଥିଲା କେନ୍ଦ୍ର ଗୃହ ମନ୍ତ୍ରାଳୟ । ଅତି କଠିନ ପରିସ୍ଥିତିରେ ନିଜର କର୍ତ୍ତବ୍ୟ ସଂପାଦନ କରୁଥିବା ଚାପଗ୍ରସ୍ତ ଯବାନମାନେ ଯଦି ସେମାନଙ୍କ ସମସ୍ୟା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉ ନାହିଁ ବୋଲି ଅନୁଭବ କରନ୍ତି, ତାହା ହେଲେ ସେମାନେ ସଂଯମତା ହରାଇ ଉଗ୍ର ହୋଇଥାଆନ୍ତି ବୋଲି ମତ ଦେଇଥିଲା ଟାସ୍କଫୋର୍ସ । ସହକର୍ମୀଙ୍କୁ ହତ୍ୟା ଓ ଆତ୍ମହତ୍ୟା ପରି ଘଟଣା ପଛରେ ଏକାଧିକ କାରଣ ଚିହ୍ନଟ କରିଥିଲା ଟାସ୍କଫୋର୍ସ ।

ଛୁଟିଜନିତ ସମସ୍ୟା ସିଏପିଏଫ୍‌ରେ ଅଧିକ । ଛୁଟି ମଞ୍ଜୁର ନ ହେବା, ଅଫିସରଙ୍କ ହମ୍‌ବଡା ଆଭିମୁଖ୍ୟ, ବିଭିନ୍ନ ସବ୍ ଗ୍ରୁପ୍ ମଧ୍ୟରେ ଭେଦଭାବ, କାର୍ଯ୍ୟସ୍ଥଳରେ ଦୁର୍ବ୍ୟବହାର, ଶୃଙ୍ଖଳାଗତ ବା ଆଇନଗତ କାର୍ଯ୍ୟାନୁଷ୍ଠାନର ଭୟ ଏବଂ କମ୍ପାନୀ କମାଣ୍ଡର ଓ ଯବାନଙ୍କ ମଧ୍ୟରେ ଦୁର୍ବଳ ଯୋଗାଯୋଗକୁ ଆତ୍ମହତ୍ୟା ଓ ଫ୍ରାଟ୍ରିସାଇଡର ମୂଳ କାରଣ ବୋଲି ରିପୋର୍ଟରେ ଦେଇଥିଲା ଟାସ୍କଫୋର୍ସ । ଏତଦ୍ ବ୍ୟତୀତ ଅତିରିକ୍ତ ସମୟ ଡ୍ୟୁଟି, କମ୍ ସମୟ ବିଶ୍ରାମ, କାର୍ଯ୍ୟରେ ସନ୍ତୋଷ ନ ମିଳିବା, ଦୁର୍ବଳ ସାମାଜିକ ଓ ପାରିପାରିକ ସହଯୋଗ ଓ ଆପତ୍ତି ଅଭିଯୋଗର ସମାଧାନ ପାଇଁ ଏକ ସଶକ୍ତ ବ୍ୟବସ୍ଥାର ଅଭାବକୁ ମଧ୍ୟ ଦାୟୀ କରିଥିଲା ଗୃହ ମନ୍ତ୍ରାଳୟ ଟାସ୍କଫୋର୍ସ ।

ଟାସ୍କଫୋର୍ସ ରିପୋର୍ଟ ଅନୁସାରେ ଯବାନମାନଙ୍କୁ ଠିକ୍ ସମୟରେ ଓ ଆବଶ୍ୟକ ଛୁଟି ନ ମିଳିବା ହିଁ ଏକ ସମ୍ବେଦନଶୀଳ ସମସ୍ୟା । ସିଏପିଏଫ୍ ଯବାନମାନେ ଘରଠାରୁ ବହୁ ଦୂର ଦୁର୍ଗମ ଓ କଠିନ ଇଲାକାରେ ମୁତୟନ ହୋଇ ଡ୍ୟୁଟି କରିଥାଆନ୍ତି । ଏଥିପାଇଁ ସେମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ତେଣୁ ଛୁଟି ନ ମିଳିଲେ ବା ବିଳମ୍ବ ହେଲେ ଯବାନମାନଙ୍କ ଅବସାଦର ମାତ୍ରା ବଢିଯାଏ । ବିଶେଷ କରି ପରିବାରର କୌଣସି ଅସୁବିଧା ଓ ସଂକଟ ସ୍ଥଳରେ ଯଦି ଛୁଟି ମିଳେ ନାହିଁ, ତାହା ହେଲେ ଯବାନମାନେ ଧୈର୍ଯ୍ୟ ହରାଇଥାଆନ୍ତି । କେହି କେହି ଆତ୍ମହତ୍ୟା ଭଳି ପନ୍ଥା ଆପଣାଇଥାଆନ୍ତି ବୋଲି ରିପୋର୍ଟରେ ଦର୍ଶାଇଥିଲା ଟାସ୍କଫୋର୍ସ । ଯବାନମାନଙ୍କ ବ୍ୟକ୍ତିଗତ, ପାରିବାରିକ ଓ ପାରିପାର୍ଶ୍ୱିକ ସମସ୍ୟା ମଧ୍ୟ ସେମାନଙ୍କୁ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାକୁ ଉସୁକାଏ । ମାନସିକ ସ୍ୱାସ୍ଥ୍ୟ ଜନିତ ଚିନ୍ତା, ଗଭୀର ଅବସାଦ, ନିର୍ଦ୍ଦିଷ୍ଟ କିଛି ରୋଗ ପାଇଁ ଅଧିକ ଚିନ୍ତାରେ ରହିବା, ପାରିବାରିକ କନ୍ଦଳ, ଜାତିବାଦ ଓ ବାରମ୍ବାର ବଦଳି ଯୋଗୁ ପିଲାଙ୍କ ଶିକ୍ଷା ପ୍ରଭାବିତ ହେବା ଭଳି କାରଣ ମଧ୍ୟ ଯବାନଙ୍କ ମଧ୍ୟରେ ଅସୁରକ୍ଷିତ ମନୋଭାବ ସୃଷ୍ଟି କରେ । ଆଉ ଏସବୁ କାରଣ ଯୋଗୁ ସେମାନେ ଧୈର୍ଯ୍ୟ ହରାଇ ନକାରାତ୍ମକ ପଦକ୍ଷେପ ନେବାକୁ ଭୁଲନ୍ତି ନାହିଁ ବୋଲି ମତ ରଖିଥିଲା ଗୃହ ମନ୍ତ୍ରାଳୟ ଟାସ୍କଫୋସ । ଟାସ୍କଫୋର୍ସ ରିପୋର୍ଟ ଅଧ୍ୟୟନ କରି ସିଏପିଏଫ୍ ଯବାନଙ୍କ ମଧ୍ୟରେ ଅସୁରକ୍ଷିତ ମନୋଭାବକୁ ସ୍ୱୀକାର କରିଥିଲା ସଂସଦୀୟ ଷ୍ଟାଣ୍ଡିଂ କମିଟି । ଅତି କଠିନ ପରିସ୍ଥିତିରେ କାର୍ଯ୍ୟ କରି ସର୍ବଦା ଚାପରେ ରହୁଥିବା ଯବାନଙ୍କୁ ଆବଶ୍ୟକ ଓ ଠିକ୍ ସମୟରେ ଛୁଟି ମିଳିବା ଜରୁରୀ ବୋଲି ସଂସଦୀୟ କମିଟି କହିଥିଲା । କିଛି ଅର୍ଦ୍ଧସାମରିକ ବାହିନୀ ଯବାନଙ୍କ ଅସୁରକ୍ଷିତ ମନୋଭାବ ଓ ଅବସାଦ ଦୂର ପାଇଁ ପଦକ୍ଷେପ ନେଇଛନ୍ତି । କାଉନସେଲିଂର ବ୍ୟବସ୍ଥା କରାଯାଉଛି । ତେବେ, ଏ ଦିଗରେ ଉପର ଠାଉରିଆ ଭାବେ ନୁହେଁ, ବରଂ ଠୋସ୍ ପ୍ରତିକାରମୂଳକ ପଦକ୍ଷେପ ସହିତ ଏହାର ସଠିକ୍ କାର୍ଯ୍ୟକାରିତା ଉପରେ ନଜର ରଖିବା ଜରୁରୀ ବୋଲି ବିଶେଷଜ୍ଞମାନେ କୁହନ୍ତି ।

**ଉମା ନଗର, ଚତୁର୍ଥ ଗଳି,**
**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର**
**ମୋ: ୮୮୪୭୮୪୨୪୨୪**

### କ୍ୟାମ୍ପସରେ ନିର୍ବାଚନୀ ତାତି, ସାଙ୍ଗସାଥୀଙ୍କୁ ମନାଇବାରେ ପ୍ରାର୍ଥୀଙ୍କ କସରତ

# ପିଏନ୍ କଲେଜରେ ଜମୁଛି ପ୍ରଚାର

ଖୋର୍ଦ୍ଧା, (ସବ୍ୟୁ): ଦୀର୍ଘ ବ୍ୟବଧାନ ପରେ କଲେଜ କ୍ୟାମ୍ପସରେ ଫେରିଛି ଛାତ୍ର ସଂସଦ ନିର୍ବାଚନର ଉଷ୍ମତା। ନିର୍ବାଚନକୁ ନେଇ ମହାବିଦ୍ୟାଳୟଗୁଡ଼ିକରେ ଉତ୍ସାହ ଓ ଉତ୍କଣ୍ଠା ବଢ଼ିଥିବାବେଳେ ପ୍ରଚାର ମଇଦାନରେ ସକ୍ରିୟ ହୋଇପଡ଼ିଛନ୍ତି ପ୍ରାର୍ଥୀ। ନିଜ ସପକ୍ଷରେ ମତଦାନ କରାଇବା ପାଇଁ ସାଙ୍ଗସାଥୀ ଓ ସହପାଠୀଙ୍କୁ ମନାଇବା ସହ ଛାତ୍ରଛାତ୍ରୀଙ୍କ ସମର୍ଥନ ଯୋଗାଡ଼ରେ ଲାଗିପଡ଼ିଛନ୍ତି ସେମାନେ। ଏହି କ୍ରମରେ ଖୋର୍ଦ୍ଧାର ପ୍ରାଣନାଥ ମହାବିଦ୍ୟାଳୟ (ପିଏନ୍ କଲେଜ) ରେ ନିର୍ବାଚନୀ ପ୍ରଚାର ଜମିବାରେ ଲାଗିଛି। ୧୫ ତାରିଖରେ ମତଦାନ ହେବାକୁ ଥିବାରୁ ବିଭିନ୍ନ ପଦପଦବୀ ପାଇଁ ପ୍ରାର୍ଥୀମାନେ ନିଜ ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଚଳିତ ନିର୍ବାଚନରେ ସଭାପତି ପଦ ପାଇଁ ଏବିଭିପି, ବିଜୁ ଛାତ୍ର ଜନତା ଦଳ ଓ




ପ୍ରାଣନାଥ ଷ୍ଟୁଡେଂଟ ୟୁନିଅନ୍ (ପି.ଏନ.ଏସ.ୟୁ) ସମର୍ଥିତ ତିନିଜଣ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେଉଛି। ସ୍ଥାନୀୟ ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଯୋଗାଯୋଗ ରଖିବା ସହ ସେମାନଙ୍କ ସମସ୍ୟା ବୁଝିବାରେ ସୁବିଧା ପାଇବେ ବୋଲି ବିସିଜେଡି ସମର୍ଥକମାନେ ଆଶା ପ୍ରକାଶ କରିଛନ୍ତି। ତେବେ ବିସିଜେଡି ପକ୍ଷରୁ ସଭାପତି ପଦ ପାଇଁ ପ୍ରତ୍ୟୁଷ୍ମିତା ନାୟକ, ଉପସଭାପତି ପଦ ପାଇଁ ନରେନ୍ଦ୍ର କୁମାର ସାହୁ ଏବଂ ସାଧାରଣ ସମ୍ପାଦକ ପଦ ପାଇଁ ବଳିଆ ଗୋଛାୟତ ପ୍ରାର୍ଥୀ ହୋଇଛନ୍ତି। ସେହିପରି ସୋସିଆଲ୍ ସର୍ଭିସ୍ ଗିଲ୍ଡ ପାଇଁ ଅକ୍ତର ଖାନ୍, ଡ୍ରାମାଟିକ୍ ସୋସାଇଟି ପାଇଁ ଦେବାଶିଷ ପରିଡ଼ା, କମର୍ସ ସୋସାଇଟି ପାଇଁ ସାହିଦ୍ ଖାନ୍, ଆଥଲେଟିକ୍ ସୋସାଇଟି ପାଇଁ ଦୀପ୍ତିରଞ୍ଜନ ଜେନା ଏବଂ ସହକାରୀ ଆଥଲେଟିକ୍ ସୋସାଇଟି ପାଇଁ ୱାହିଦ୍ ଅଲ୍ଲୀ ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କ୍ୟାମ୍ପସରେ ଶୈକ୍ଷିକ ଓ ମୌଳିକ ସୁବିଧାର ବିକାଶ, ଛାତ୍ରଛାତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉନ୍ନତି ଆଦି ପ୍ରସଙ୍ଗ ପ୍ରଚାରରେ ଗୁରୁତ୍ୱ ପାଉଛି। ଅନ୍ୟପକ୍ଷରେ, ପ୍ରାର୍ଥୀଙ୍କ ବ୍ୟକ୍ତିଗତ ସମ୍ପର୍କ, ସହପାଠୀଙ୍କ ସମର୍ଥନ ଓ ଛାତ୍ରଛାତ୍ରୀଙ୍କ ସହ ନିୟମିତ ଯୋଗାଯୋଗ ନିର୍ବାଚନୀ ଲଢ଼େଇରେ ଗୁରୁତ୍ୱ ବହନ କରୁଛି।

### ବିଦ୍ୟୁତ ଠିକା କର୍ମଚାରୀ ସଙ୍ଘର ଧାରଣା

ଅସ୍ତରଙ୍ଗ, (ସବ୍ୟୁ): ଓଡ଼ିଶାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଛଟେଇ ବନ୍ଦ, ଚାକିରିର ସୁରକ୍ଷା ଓ ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ନେଇ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି କୁହାଯାଇଛି ।ସରକାରଙ୍କ ପକ୍ଷରୁ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ନେଇ ଆଶ୍ୱାସନ ଦିଆଯାଇଥିଲେ ମଧ୍ୟ ଛଟେଇ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ମଞ୍ଚ ଅଭିଯୋଗ କରିଛି ।ଦାବୀ ଗୁଡିକ ପୁରଣ ନହେବାରୁ ରାଜ୍ୟ ମିଳିତ ମଞ୍ଚ ଆହ୍ୱାନରେ ସୋମବାରଦିନ ଅସ୍ତରଙ୍ଗ ଉକୁଳେଇ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଅନେକ ଠିକା ଶ୍ରମିକ କର୍ମଚାରୀ ହାତରେ ପ୍ଲାଗ କାର୍ଡ ଧରି ଧାରଣାରେ ବସିରହିଛନ୍ତି ।

### ଆଦ୍ୟାଶ୍ରୀ ପତ୍ରିକା ପୂଜା ସଂଖ୍ୟା ଉନ୍ମୋଚିତ

# ଆମ ଭାଷାର ସୁରକ୍ଷା ଏବେ ଜରୁରୀ : ଦେବୀ ପ୍ରସନ୍ନ

ଭୁବନେଶ୍ୱର(ସବ୍ୟୁ): ଦିଲ୍ଲୀ-ଉତ୍କଳ ଅସ୍ମିତା ଫାଉଣ୍ଡେସନ ପକ୍ଷରୁ ଡାକ୍ତର ଅନିତା ପଣ୍ଡାଙ୍କ ସଂପାଦନାରେ ପ୍ରକାଶିତ ଆଦ୍ୟାଶ୍ରୀ ପତ୍ରିକାର ଉନ୍ମୋଚନ ଉତ୍ସବ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏଥିସହ ଡାକ୍ତର ପଣ୍ଡାଙ୍କ ରଚିତ ନନ୍ଦିନୀଙ୍କ ନୀଳ ଖାତାରୁ ଓ କାଳଜୟୀ କୁନ୍ତଳା କୁମାରୀ ପୁସ୍ତକ ଦୁଇଟି ଲୋକାର୍ପିତ ହୋଇଥିଲା ।

ସମୟର ମୁଖ୍ୟ ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉଦଘାଟକ ଭାବେ ଯୋଗ ଦେଇ ବିଶିଷ୍ଟ ଭାଷାବିତ ଡଃ ଦେବୀ ପ୍ରସନ ପଟ୍ଟନାୟକ ଆମ ଭାଷାର ସୁରକ୍ଷା ଜରୁରୀ ଓ ଏଥିପ୍ରତି ଲେଖକ/ଲେଖିକାମାନେ ସଚେତକ ରହିବାକୁ ସେ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ବିଶିଷ୍ଟ ଶିକ୍ଷାବିତ ଓ ସାହିତ୍ୟିକ ଭଗବାନ ପ୍ରକାଶ କହିଲେ ଯେ ଭାଷାର ସୁରକ୍ଷା ସହିତ ଦେଶର ସୁରକ୍ଷା ପାଇଁ ସମସ୍ତେ ଯନିବାନ ହେବା ଉଚିତ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ, ନିଜର ଭାଷା ଓ ସାହିତ୍ୟ ପ୍ରତି ଓଡ଼ିଆମାନେ ସଚେତନ ହୁଅନ୍ତୁ । ଏବର ସରକାର ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ସୁଲେଖିକା ଡ. ବାସନ୍ତୀ ମହାନ୍ତି ଯୋଗ ଦେଇ ଉନ୍ମୋଚିତ ପୁସ୍ତକ ଉପରେ ସମ୍ୟକ ଆଲୋଚନା କରିଥିଲେ ।

ଏହି ଉତ୍ସବରେ ଆଦ୍ୟାଶ୍ରୀ ପୂଜା ସଂଖ୍ୟା ପକ୍ଷରୁ ବିଶିଷ୍ଟ କବି ନିଳାଦ୍ରୀ ଭୂଷଣ ହରିଚନ୍ଦନ, ସମ୍ପକାର ନିରଞ୍ଜନ ସାହୁ, ସମାଜସେବୀ ଲୋକନାଥ ଦାସ ଓ ସାଧୁଚରଣ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ମହାପାତ୍ର ଓଡ଼ିଆ ସାହିତ୍ୟର ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛି ବୋଲି ପ୍ରକାଶ କରିଥିଲେ । ପୂର୍ବରୁ ପ୍ରଧାପିକା ମନୋରମା ମହାପାତ୍ର ବିଶ୍ୱାଳ, କବି ଅମରେଶ ପଟ୍ଟନାୟକ, ଅଧାପକ ପ୍ରଫୁଲ୍ଲ କୁମାର ମହାନ୍ତି, କବି ରକ୍ଷକ ନାୟକ ପ୍ରଭୃତି ସ୍ବରଚିତ କବିତାମାନ ପାଠ କରିଥିଲେ ।

# ଆଇଏମ୍ଏସ୍ ଓ ସମ୍ ହସ୍ପିଟାଲ୍‌ରେ ଗବେଷଣା ଓ ନବସୃଜନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଆଧୁନିକ ସ୍ୱାସ୍ଥ୍ୟସେବା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ନବସୃଜନର ଗୁରୁତ୍ୱ ବୃଦ୍ଧି ପାଉଥିବାବେଳେ ଗବେଷଣାଭିତ୍ତିକ ନୂତନ ଚିନ୍ତାଧାରାକୁ ବାସ୍ତବ ସ୍ୱାସ୍ଥ୍ୟସେବାରେ ପ୍ରୟୋଗ କରିବା ଦିଗରେ ଆଉ ଏକ ପଦକ୍ଷେପ ନେଇଛି ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍। ଏହି ଅନୁଷ୍ଠାନରେ ନିକଟରେ ଗବେଷଣା ଓ ନବସୃଜନ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ଏହି ୟୁନିଟ୍‌ର ଉଦ୍‌ଘାଟନ ଅବସରରେ ବିଶିଷ୍ଟ ଅତିଥି, ଅଧ୍ୟାପକ ଓ ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ। ଏହି ୟୁନିଟ୍ ମାଧ୍ୟମରେ ଗବେଷଣା, ନୂତନ ଉଦ୍‌ଭାବନ, ଭବିଷ୍ୟତରେ ବିଭିନ୍ନ ଅନୁଷ୍ଠାନ ସହ ସହଯୋଗ ଏବଂ ନୂତନ ଧାରଣାକୁ ବ୍ୟବହାରିକ ସ୍ୱାସ୍ଥ୍ୟସେବା ସମାଧାନରେ ପରିଣତ କରିବା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆଇଏମ୍ଏସ୍ ଓ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଯେ, ଦିନକୁ ଦିନ ଉପୁଜୁଥିବା ସ୍ୱାସ୍ଥ୍ୟସେବା ସମ୍ବନ୍ଧୀୟ ଆହ୍ୱାନର ମୁକାବିଲା ପାଇଁ ଗବେଷଣାଭିତ୍ତିକ ସମାଧାନ ଅତ୍ୟନ୍ତ ଜରୁରୀ। ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ ସେ ଉଦ୍ୟମକୁ ପ୍ରଶଂସା କରିବା ସହ ଆନ୍ତଃବିଭାଗୀୟ ଓ ଆନ୍ତଃଅନୁଷ୍ଠାନ ସହଯୋଗ ମାଧ୍ୟମରେ ଆଇଏମ୍ଏସ୍ ଓ ସମ୍ ହସ୍ପିଟାଲ୍ ସ୍ୱାସ୍ଥ୍ୟସେବା ନବସୃଜନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଉଭା ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏଥିସହ ସୋଆ ପରିଚାଳିତ ଅଟଳ ଇନୋଭେସନ୍ ସେଂଟର (ଏଆଇସି) ମାଧ୍ୟମରେ ଯୋଜନାବଦ୍ଧ ପ୍ରକଳ୍ପଗୁଡ଼ିକର ବିକାଶ ଓ ଇନ୍‌କ୍ୟୁବେସନ୍ ଦ୍ୱାରା ବିଶ୍ୱବିଦ୍ୟାଳୟର ଷ୍ଟାର୍ଟଅପ୍ ପରିବେଶ ଆହୁରି ସୁଦୃଢ଼ ହେବ ବୋଲି ସେ କହିଥିଲେ।

### ନିଷିଦ୍ଧ କଫ୍‌ସିରପ ଜବତ: ବେପାରୀ ଗିରଫ

କଟକ,(ସବ୍ୟୁ ):ନିଷିଦ୍ଧ କଫସିରପ ବିକ୍ରି କରୁଥିବା ଜଣେ ବେପାରୀକୁ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରିଛି । ଅଭିଯୁକ୍ତ ହେଉଛି ନୟାଗଡ ଜିଲ୍ଲା ରଣପୁର ଥାନା ଅନ୍ତର୍ଗତ ଡମ ସାହିର ଜିତେନ୍ଦ୍ର କୁମାର ଦଳବେହେରା(୩୯) । ତା' ପାଖରୁ ୨୦୦ ଲିଟର କୋଡେନ ମିଶ୍ରିତ କଫସିରପ ଏବଂ ୭୫.୮୪ ଲିଟର ବିଦେଶୀ ମଦ ଜବତ ହୋଇଛି । ଦୀର୍ଘ ଦିନ ଧରି ଜିତେନ୍ଦ୍ର ବେଆଇନ ଭାବେ ବିଦେଶୀ ମଦ କାରବାର ଚଳାଇଥିଲା ଏହି ବିଷୟରେ ସୂଚନା ପାଇ ଅବକାରୀ ଟିମ୍ ମଙ୍ଗଳବାର ନୟାଗଡ ରଣପୁର ଥାନା ଅଞ୍ଚଳରେ ଥିବା ତାର ଘରେ ଚଢଉ କରିଥିଲା । ତଲାସି ସମୟରେ ଜିତେନ୍ଦ୍ରର ଘରୁ ବିପୁଳ ପରିମାଣର ବିଦେଶୀ ମଦ ସହିତ ନିଷିଦ୍ଧ କୋଡେନ୍ ମିଶ୍ରିତ କଫସିରପ ମିଳିଥିଲା । ଜବତ ହୋଇଥିବା ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଏହି ନିଷିଦ୍ଧ କଫସିରପକୁ ସେ କଟକର ଜଣେ ବ୍ୟବସାୟୀଙ୍କ ମାଧ୍ୟମରେ ରାଜ୍ୟ ବାହାରୁ ଆମଦାନୀ କରିଥିବା ତଦନ୍ତରୁ ଜଣାପଡିଛି । କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି । ଅବକାରୀ ଅଧିକ୍ଷକ ବିକାଶ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ବିଭୂତି ଭୂଷଣ ପ୍ରଧାନ, ଅନ୍ତର୍ଯ୍ୟାମୀ ରଘୁନନ୍ଦନ ମଲ୍ଲିକ, ସଞ୍ଜୟ ଦାସ, ଦୀପକ କୁମାର ସାହୁ, ସୁରଜିତ ନାଥ, ସତ୍ୟବ୍ରତ ସାହୁ, ରଜନୀ ପଞ୍ଚଭାୟା ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ ।

# ଓଡ଼ିଶା ଷ୍ଟାର୍ଟଅପ୍ ସମିଟ୍ ୨୦୨୬ : ହାଇ-ଟେକ୍ ହସ୍ପିଟାଲ୍‌କୁ ଦୁଇଟି ପ୍ରତିଷ୍ଠିତ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ପ୍ରତିଷ୍ଠିତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ 'ହାଇ-ଟେକ୍ ହସ୍ପିଟାଲ୍' ଚଳିତ ବର୍ଷର 'ଓଡ଼ିଶା ଷ୍ଟାର୍ଟଅପ୍ ସମିଟ୍ ୨୦୨୬' ରେ ଦୁଇଟି ପ୍ରତିଷ୍ଠିତ ପୁରସ୍କାର ଲାଭ କରିଛି। ଭୁବନେଶ୍ୱରର ଲାଇଫ୍ ହୋଟେଲ ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟସେବା ଏବଂ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହାଇ-ଟେକ୍ ହସ୍ପିଟାଲକୁ ଦୁଇଟି ପ୍ରତିଷ୍ଠିତ ପୁରସ୍କାର ପ୍ରଦାନ କରାଯାଇଛି। ସମ୍ମିଳନୀରେ ହାଇ-ଟେକ୍ ହସ୍ପିଟାଲକୁ 'ବେଷ୍ଟ ହସ୍ପିଟାଲ୍ ଅଫ୍ ଦି ଇୟର' ଏବଂ 'ବେଷ୍ଟ ଇମର୍ଜିଂ ଫାର୍ମାସ୍ୟୁଟିକାଲ୍ ଡିଷ୍ଟ୍ରିବ୍ୟୁଟର କମ୍ପାନୀ ଅଫ୍ ଦି ଇୟର' ସମ୍ମାନରେ ସମ୍ମାନିତ କରାଯିବା ସହ, ଗରିବ ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାର ପାଇଁ ଏହି ଡାକ୍ତରଖାନା ରୋଗୀଙ୍କ ପାଇଁ ଆଶାର ଆଲୋକ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ମତ୍ସ୍ୟ,ପଶୁସମ୍ପଦ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ହାଇଟେକ୍ ମେଡିକାଲ୍‌ର ଅଧିକ୍ଷକ ତଥା ପ୍ରାଶାସନିକ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ବେଷ୍ଟ ହସ୍ପିଟାଲ୍ ଅଫ୍ ଦି ଇୟର



ପୁରସ୍କାର ଗ୍ରହଣ କରିଥିବାବେଳେ ଡାକ୍ତର ଚନ୍ଦନ କୁମାର ସାମନ୍ତରାୟ ଏବଂ ବିଶ୍ୱ ଫାର୍ମାର ନିର୍ଦ୍ଦେଶକ ଏ. ପଵନ କୁମାର ବେଷ୍ଟ ଇମର୍ଜିଂ ଫାର୍ମାସ୍ୟୁଟିକାଲ୍ ଡିଷ୍ଟ୍ରିବ୍ୟୁଟର କମ୍ପାନୀ ଅଫ୍ ଦି ଇୟର ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ କଲେଜ୍‌ର ଅଧ୍ୟକ୍ଷ ପ୍ରଫେସର ଦେବାନନ୍ଦ ମହାପାତ୍ର ଯୋଗ ଦେଇ ହାଇଟେକ୍ ମେଡିକାଲ୍ ଏହାର ଶ୍ରେଷ୍ଠ ରୋଗୀ ସେବା ବଜାୟ ରଖିଥିବା ବେଳେ ଆସନ୍ତା ଦିନରେ ଏହାକୁ ଅଧିକ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ। ରାଜ୍ୟରେ ଉଦ୍ୟୋଗୀକରଣ, ନୂତନ ଷ୍ଟାର୍ଟଅପ୍ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ପୁରସ୍କାର ଏକ ସକାରାତ୍ମକ ପଦକ୍ଷେପ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# ପୂଜା ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ସ୍ୱତନ୍ତ୍ର ପୂଜା ଟ୍ରେନ

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ଦୁର୍ଗା ପୂଜା ଓ ଦୀପାବଳି ଉତ୍ସବ ସମୟରେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ, ଯାତ୍ରୀଙ୍କ ସୁବିଧାଜନକ ଯାତ୍ରା ଏବଂ ଅତିରିକ୍ତ ଭିଡ଼ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗରେ ଅତିରିକ୍ତ ସ୍ୱତନ୍ତ୍ର ପୂଜା ଟ୍ରେନ୍ ଚଳାଚଳ କରାଯିବ। ଟ୍ରେନ୍ ନଂ ୦୮୩୦୩ ସମ୍ବଲପୁର - ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍ ୧୪ ଅକ୍ଟୋବରରୁ ୨୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଅପରାହ୍ଣ ୪:୧୫ ରେ ସମ୍ବଲପୁରରୁ ଛାଡ଼ିବ ଏବଂ ପରଦିନ ଭୋର ୨:୦୦ ଟାରେ ସାନ୍ତ୍ରାଗାଛିରେ ପହଞ୍ଚିବ। ଫେରନ୍ତା ଯାତ୍ରାରେ, ଟ୍ରେନ୍ ନଂ ୦୮୩୦୪ ସାନ୍ତ୍ରାଗାଛି - ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ୧୫ ଅକ୍ଟୋବରରୁ ୨୨ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ସନ୍ଧ୍ୟା ୭:୦୫ ରେ ସାନ୍ତ୍ରାଗାଛିରୁ ଛାଡ଼ିବ ଏବଂ ଶୁକ୍ରବାର ସକାଳ ୭:୪୫ ରେ ସମ୍ବଲପୁରରେ ପହଞ୍ଚିବ। ଏହି ଟ୍ରେନ୍‌ଗୁଡ଼ିକ ରାସ୍ତାରେ ବିଭିନ୍ନ ଷ୍ଟେସନରେ ରହଣି କରିବ, ଯେଉଁଥିରେ ରେଙ୍ଗାଲି, ଝାରସୁଗୁଡ଼ା ଜଙ୍କସନ୍, ରାଜଗାଙ୍ଗପୁର, ରାଉରକେଲା, ଚକ୍ରଧରପୁର,



ଟାଟାନଗର ଜଙ୍କସନ୍, ଖଡ଼ଗପୁର ଜଙ୍କସନ୍ ଏବଂ ଉଲୁବେରିଆ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ବାଗଡିହି, ବାମରା, ଗରପୋଷ, ବିଶ୍ରା, ମନୋହରପୁର, ରାଜଖରସୁଆଁ ଜଙ୍କସନ୍, ଝାଡ଼ଗ୍ରାମ, ପାନ୍ସକୁରା ଏବଂ ବାଗନାନ ଷ୍ଟେସନରେ ମଧ୍ୟ ଅତିରିକ୍ତ ରହଣି ବ୍ୟବସ୍ଥା କରାଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନରେ ମୋଟ ୨୧ଟି କୋଚ ରହିବ: ଏସି ୩-ଟାୟାର୍ – ୦୬ଟି କୋଚ, ଏସି ୨-ଟାୟାର୍ – ୦୨ଟି କୋଚ, ସ୍ଲିପର୍ କ୍ଲାସ୍ – ୦୭ଟି କୋଚ, ସାଧାରଣ ଶ୍ରେଣୀ – ୦୪ଟି କୋଚ, ଦିବ୍ୟାଙ୍ଗ-ଅନୁକୂଳ ସୁବିଧା ସହିତ ଲଗେଜ୍-କମ୍-ଜେନେରେଟର-କମ୍-ବ୍ରେକ୍ ଭ୍ୟାନ୍ – ୦୨ଟି କୋଚ ଟ୍ରେନ୍ସ ମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ (NTES) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ।

### ଆବାସିକ ଅଞ୍ଚଳରେ ବାଣିଜ୍ୟିକ କାର୍ଯ୍ୟକଳାପ ଉପରେ ଉଦବେଗ

# ବିଏମସି ବିରୋଧରେ ଭୁବନେଶ୍ୱର ବାର୍ ଆସୋସିଏସନକୁ ଏକ ମିଳିତ ଦାବିପତ୍ର

ଭୁବନେଶ୍ୱର(ସବ୍ୟୁ): ଆବାସିକ ଅଞ୍ଚଳରେ ବାଣିଜ୍ୟିକ କାର୍ଯ୍ୟକଳାପ ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ହୋଇଥିବା କଥିତ ଜୋରଜବରଦସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉଦବେଗଗୁଡ଼ିକର ନିରପେକ୍ଷ ସମୀକ୍ଷା ହେବା ଆବଶ୍ୟକ । ଏହି ପ୍ରସଙ୍ଗରେ ପ୍ରଚଳିତ ପୌର ଆଇନ ଏବଂ ପ୍ରାକୃତିକ ନ୍ୟାୟର ନୀତି ଅନୁଯାୟୀ ଆଇନସମ୍ମତ, ସ୍ୱଚ୍ଛ ଓ ଯଥାନୁପାତିକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

ଏହି ପରିପ୍ରେକ୍ଷୀରେ ବିଜେପି ଆଇନ ପ୍ରକୋଷ୍ଠର ସଂଯୋଜକ ଆଇନଜୀବୀ ଜୟନ୍ତ ଜେନା ଏବଂ ସଚେତନ ନାଗରିକ ପରିଷଦର ସଂଯୋଜକ ଆଇନଜୀବୀ ଜୟନ୍ତ ପଟ୍ଟନାୟକ ଏହି ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଭୁବନେଶ୍ୱର ବାର୍ ଆସୋସିଏସନ୍ ମାଧ୍ୟମରେ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ନିରନ୍ତର ଉଦ୍ୟମ ଆରମ୍ଭ କରିଛନ୍ତି । ଭୁବନେଶ୍ୱର ସଚେତନ ନାଗରିକ ପରିଷଦ, ବାପୁଜୀନଗର ନାଗରିକ



କମିଟି, ଶାନ୍ତି କମିଟି ଏବଂ ଅନ୍ୟାନ୍ୟ ନାଗରିକ ମଞ୍ଚଗୁଡ଼ିକ ପକ୍ଷରୁ ଭୁବନେଶ୍ୱର ବାର୍ ଆସୋସିଏସନର ସଭାପତି ଅଶୋକ ଛୋଟରାୟ, ଉପସଭାପତି ସୁଶାନ୍ତ ଦାସ ଏବଂ ସମ୍ପାଦକ ସୁମନ ରାଉତରାୟଙ୍କ ନିକଟରେ ଲିଖିତ ନିବେଦନ ଦାଖଲ କରାଯାଇଛି । ଏହି ନିବେଦନରେ ବାର୍ ଆସୋସିଏସନର ହସ୍ତକ୍ଷେପ ଏବଂ ସରକାରଙ୍କ ନିକଟରେ ଏହି ପ୍ରସଙ୍ଗକୁ ଉପଯୁକ୍ତ ଭାବେ ଉପସ୍ଥାପନ କରିବା ପାଇଁ ଅନୁରୋଧ କରାଯାଇଛି । ଏହି ସମସ୍ୟାର ଏକ ନ୍ୟାୟସଙ୍ଗତ ଓ ଆଇନସମ୍ମତ ସମାଧାନ ପାଇଁ ରାଜ୍ୟ ସରକାର ଏବଂ ଭୁବନେଶ୍ୱର ମହାନଗର ନିଗମଙ୍କୁ ଅବଗତ କରାଇବା ନିମନ୍ତେ ବାର୍ ଆସୋସିଏସନକୁ ଏକ ଆନ୍ତରିକ ନିବେଦନ କରାଯାଇଛି ।

### ଅଶ୍ୱମେଧ-୨୦୨୬ରେ ଚମକିଲା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ

# ୩ ଖେଳରେ ଚାମ୍ପିଆନ୍ ସହ ଜିତିଲା କଣ୍ଟିଜେନ୍ସ ଟ୍ରଫି

କଟକ, (ସ୍ୱପ୍ର): ଆଇଆଇଟି-ଭୁବନେଶ୍ୱର ଦ୍ୱାରା ଆୟୋଜିତ ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ମହାକୁମ୍ଭ "ଅଶ୍ୱମେଧ-୨୦୨୬'ରେ ସ୍ଥାନୀୟ ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ସଫଳତା ହାସଲ କରି କଣ୍ଟିଜେନ୍ସ ଟ୍ରଫି ଜିତି ନେଇଛି । ଏସଏସୟୁ ପୁରୁଷ ବାସ୍କେଟବଲ୍, ପୁରୁଷ ଫୁଟବଲ୍ ଏବଂ ପୁରୁଷ ଖୋ-ଖୋ ପ୍ରତିଯୋଗିତାରେ ଚାମ୍ପିୟନ୍ ହୋଇଛି । ଏଥିସହ ପୁରୁଷ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ମଧ୍ୟ ଉପବିଜେତା ହୋଇଛି । ଏହି ସାମଗ୍ରିକ ସଫଳତା ଯୋଗୁଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ କଣ୍ଟିଜେନ୍ସ ଟ୍ରଫି ହାସଲ କରିବାରେ ସମର୍ଥ ହୋଇଛି । ବାସ୍କେଟ୍ ବଲ୍ ଟିମ୍ ତା'ର ତିନିଟି ଯାକ ପ୍ରତିଯୋଗିତା ଜିତି ଫାଇନାଲରେ ଆଇଆଇଟି- ଭୁବନେଶ୍ୱରକୁ ୫୯-୪୯ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା । ଫୁଟବଲ୍ ଟିମଟି ମଧ୍ୟ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଗୋଟିଏ ହେଲେ ଗୋଲ୍ ଖାଇ ନଥିଲା । ଦଳ ଫାଇନାଲରେ ଓୟୁଟିଆରକୁ ୨-୦ ଗୋଲରେ ହରାଇ ଚାମ୍ପିଅନ୍ ହୋଇଥିଲା । ଖୋ-ଖୋରେ ମଧ୍ୟ ଲିଗ୍ ପର୍ଯ୍ୟାୟ ଏବଂ ସେମିଫାଇନାଲରେ ଉନ୍ନତ ପ୍ରଦର୍ଶନ କରି ଫାଇନାଲରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟକୁ ୧୫-୧୧ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା । ବ୍ୟାଡମିଣ୍ଟନରେ ମଧ୍ୟ ଦଳ ଉପବିଜେତା ହୋଇଥିଲା । ଏହି ସ୍ୱର୍ଣ୍ଣିମ ସଫଳତାରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷ ଆଦେଶ ଗୋୟଲ, କୁଳପତି ପ୍ରଫେସର ଡ. ତେଜପରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ କ୍ରୀଡ଼ା ପରିଚାଳନା ସମିତି ସମସ୍ତ ଖେଳାଳି ଏବଂ କୋଚମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

### ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର

# ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କ୍ରିକେଟ ମ୍ୟାଚ୍

ଭୁବନେଶ୍ୱର (ସବ୍ୟୁ) : ଆଗାମୀ ସତର୍କତା ସଚେତନତା ସପ୍ତାହ-



୨୦୨୬ର ପୂର୍ବ ପ୍ରସ୍ତୁତି ଅଭିଯାନ (ପ୍ରିଲ୍ୟୁଡ୍ କ୍ୟାମ୍ପେନ) କାର୍ଯ୍ୟକ୍ରମର ଏକ ଅଂଶସ୍ୱରୂପ, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତକାଲି (୧୦.୧୦.୨୦୨୬) ସମ୍ବଲପୁରର ୪-ସି (୪ଉ) ପଡ଼ିଆଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ମୂଳ ମନ୍ତ୍ର "ସତର୍କତା ରୁ ସମୃଦ୍ଧି" ଥିମ୍‌କୁ ଆଧାର କରି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ଆଞ୍ଚଳିକ ମୁଖ୍ୟ ଜୟଗୋପାଳ ବେହେରା , ଆଞ୍ଚଳିକ ଆସୁରାନ୍ସ ମୁଖ୍ୟ ପବନ କୋଲ୍ଲୁ ଏବଂ ଧନଞ୍ଜୟ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସାହିତ କରିଥିଲେ। ଏହି ସାରା ଦେଶବ୍ୟାପୀ ପୂର୍ବ ପ୍ରସ୍ତୁତି ସଚେତନତା ଅଭିଯାନ ଗତ ୧୭.୦୮.୨୦୨୬ ରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୫.୧୧.୨୦୨୬ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମ ଶେଷରେ ସତର୍କତା ଅଧିକାରୀ ସମୀର ରଞ୍ଜନ ଅଧିକାରୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସତର୍କତାର ମୂଲ୍ୟବୋଧ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

### ଭୁବନେଶ୍ୱର ଫ୍ୟାଶନ୍ ୱିକରେ କମାଲ କରିଛନ୍ତି

# ବେଦାନ୍ତ ଆଲୁମିନିୟମର 'ବେଦସୂତ୍ରା' ମହିଳା ବୁଣାକାର

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଆଧୁନିକ ପୋଷାକ ଶୈଳୀ ସହ ଯୋଡ଼ିବା ଲକ୍ଷ୍ୟରେ ଭୁବନେଶ୍ୱର ଟାଇମ୍ସ ଫ୍ୟାଶନ୍ ୱିକ୍ ୨୦୨୬ରେ ନିଜର ମହିଳାକେନ୍ଦ୍ରିକ ହସ୍ତତନ୍ତ ପ୍ରକଳ୍ପ 'ବେଦସୂତ୍ରା'ର କାରିଗରୀ ପ୍ରଦର୍ଶନ କରିଛି । ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ଏହି କମ୍ପାନୀ ଏକ ପୋଷାକ ଡିଜାଇନ୍ ସଂସ୍ଥା ସହଯୋଗରେ ବେଦସୂତ୍ରାର ମହିଳା ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ସମ୍ବଲପୁରୀ ଶାଢ଼ିକୁ ଆଧୁନିକ ଡିଜାଇନରେ ପୋଷାକରେ ରୂପାନ୍ତରିତ କରି ରାମ୍ପରେ ଉପସ୍ଥାପନ କରିଛି। ଏହି ଅବସରରେ ପ୍ରକଳ୍ପର ମହିଳା ହିତାଧିକାରୀମାନେ ମଧ୍ୟ ନିଜ ହାତରେ ତିଆରି ବସ୍ତ୍ର ପରିଧାନ କରି ରାମ୍ପରେ ଚାଲିଥିଲେ। ଏହାଦ୍ୱାରା ପାରମ୍ପରିକ ବୟନକଳା ପଛରେ ଥିବା ମହିଳା କାରିଗରମାନେ ଏକ ବୃହତ୍ ମଂଚରେ ନିଜ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଥିଲେ। ଏହି ପୋଷାକ ସମ୍ଭାରରେ ସମ୍ବଲପୁରୀ ବସ୍ତ୍ରର ସ୍ୱତନ୍ତ୍ର ଚିତ୍ରକଳା, ଆକର୍ଷଣୀୟ ରଙ୍ଗ ଓ ସୂକ୍ଷ୍ମ ବୁଣାକାମକୁ ଆଧୁନିକ ପୋଷାକ ଶୈଳୀ ସହ ମିଶ୍ରଣ କରାଯାଇଥିଲା।



ପାରମ୍ପରିକ ଶାଢ଼ିଠାରୁ ଆରମ୍ଭ କରି ଆଧୁନିକ ଡିଜାଇନରେ ପୋଷାକ ପର୍ଯ୍ୟନ୍ତ, ଏହି ପ୍ରଦର୍ଶନୀ ଓଡ଼ିଶାର ହସ୍ତତନ୍ତ ପରମ୍ପରାର ବିବିଧତା ଓ ଆଧୁନିକ ଫ୍ୟାଶନ୍ ଜଗତରେ ଏହାର ବଢ଼ୁଥିବା ପ୍ରାସଙ୍ଗିକତାକୁ ପ୍ରତିପାଦିତ କରିଥିଲା। ଏଥିସହ ମହିଳା କାରିଗରମାନେ ନିଜର କଳାକୃତିକୁ ଫ୍ୟାଶନ୍‌ପ୍ରେମୀ, ଶିଳ୍ପ ବିଶେଷଜ୍ଞ ଓ ସମ୍ଭାବ୍ୟ ଗ୍ରାହକଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି.ଚନ୍ଦ୍ରୁ କହିଛନ୍ତି, "ଓଡ଼ିଶାର ପାରମ୍ପରିକ ହସ୍ତକଳା ପିଢ଼ି ପରେ ପିଢ଼ି ସଂଚିତ ଦକ୍ଷତା, ସୃଜନଶୀଳତା ଓ ସାଂସ୍କୃତିକ ଜ୍ଞାନର ପ୍ରତୀକ ଅଟେ। ବେଦସୂତ୍ରା ଭଳି ପଦକ୍ଷେପ ମାଧ୍ୟମରେ ଆମେ ମହିଳା କାରିଗରମାନଙ୍କୁ ସ୍ଥାୟୀ ଜୀବିକା ଅର୍ଜନର ସୁଯୋଗ ଦେବା ସହ ଏହି ଐତିହ୍ୟକୁ ଆଗକୁ ବଢ଼ାଇବାକୁ ପ୍ରୟାସ କରୁଛୁ। ଭୁବନେଶ୍ୱର ଟାଇମ୍ସ ଫ୍ୟାଶନ୍ ୱିକରେ ସେମାନଙ୍କ ଅଂଶଗ୍ରହଣ ଦର୍ଶାଉଛି ଯେ, ତୃଣମୂଳ ସ୍ତରର ଉଦ୍ୟୋଗଗୁଡ଼ିକୁ ବୃହତ୍ ମଂଚ ମିଳିଲେ କିପରି ନୂଆ ସମ୍ଭାବନା ସୃଷ୍ଟି ହୁଏ। ମହିଳାଙ୍କ ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ସହାୟତା ଓ ସ୍ଥାନୀୟ କାରିଗରୀକୁ ବ୍ୟାପକ ବଜାରରେ ପହଂଚାଇବା ପାଇଁ ଆମେ ପ୍ରତିବଦ୍ଧ। ନିଜ ଅନୁଭୂତି ବାଂଟି ବେଦସୂତ୍ରାର କାରିଗର ତଥା ରଘୁନାଥପାଳିର ବାସିନ୍ଦା ରିଙ୍କି ମେହେର କହିଛନ୍ତି, "ଆମେ ନିଜ ଘର ଓ ଗାଁରେ ସମ୍ବଲପୁରୀ ଶାଢ଼ି ବୁଣାଯାଉଥିବା ଦେଖି ବଡ଼ ହୋଇଛୁ। ଆମ ହାତରେ ତିଆରି ବସ୍ତ୍ରକୁ ସୁନ୍ଦର ଡିଜାଇନର୍ ପୋଷାକରେ ପରିଣତ କରାଯାଇ ଫ୍ୟାଶନ୍ ଶୋ'ରେ ପ୍ରଦର୍ଶନ କରାଯିବା ଆମ ପାଇଁ ଗର୍ବର ମୁହୂର୍ତ୍ତ ଥିଲା। ବର୍ଷ ବର୍ଷ ଧରି ଆମେ ଶିଖିଥିବା ଓ ଅଭ୍ୟାସ କରିଥିବା କୌଶଳ ଆମକୁ ଏପରି ସ୍ଥାନରେ ପହଂଚାଇପାରିବ, ଯାହା ଆମେ କେବେ କଳ୍ପନା କରିନଥିଲୁ। ଏହି ଅନୁଭୂତି ଆମ ଆତ୍ମବିଶ୍ୱାସ ବଢ଼ାଇଛି। ୨୦୦୮ ମସିହାରେ ପ୍ରତିଷ୍ଠିତ ସୁଭଲକ୍ଷ୍ମୀ ସମବାୟ ସମିତିର ବ୍ୟାପକ ଜୀବିକା ବିକାଶ କାର୍ଯ୍ୟକ୍ରମର ଏକ ଅଂଶ ହେଉଛି ବେଦସୂତ୍ରା। ବର୍ତ୍ତମାନ ଏହି ସମବାୟ ସମିତି ଝାରସୁଗୁଡ଼ା ଜିଲ୍ଲାର ୧୦୬ଟି ଗାଁରେ ୫୧୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୫,୫୦୦ରୁ ଅଧିକ ମହିଳାଙ୍କୁ ସହାୟତା ଯୋଗାଇ ଦେଉଛି। ଏହି ଫ୍ୟାଶନ୍ ପ୍ରଦର୍ଶନୀ କେବଳ ହସ୍ତତନ୍ତ କଳାର ପ୍ରଚାରରେ ସୀମିତ ନୁହେଁ; ଏହା ଗ୍ରାମୀଣ ଉଦ୍ୟୋଗକୁ ସୁଦୃଢ଼ କରିବା, ଦେଶୀୟ କାରିଗରୀର ସୁରକ୍ଷା ଏବଂ ସ୍ଥାୟୀ ଜୀବିକାର ସୁଯୋଗ ସୃଷ୍ଟି କରିବା ପ୍ରତି ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି।

# ଯନ୍ତରମନ୍ତରରୁ ଆନ୍ଦୋଳନ ସ୍ଥଳ ହଟିବା ନେଇ ବିରୋଧୀ କ୍ଷୁବ୍ଧ

ନୂଆଦିଲ୍ଲୀ: ଦିଲ୍ଲୀର ଐତିହାସିକ ଯନ୍ତରମନ୍ତରରୁ ଆନ୍ଦୋଳନସ୍ଥଳର ମାନ୍ୟତା ହଟାଇ ଦିଆଯିବାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। ଏହା ବଦଳରେ ରାମଲୀଳା ମଇଦାନ, ବୁରାଡ଼ି ମଇଦାନ ଓ ପୂର୍ବ ଦିଲ୍ଲୀର ସିବିଡି ମଇଦାନକୁ ଆନ୍ଦୋଳନ ସ୍ଥଳ ଭାବେ ଚିହ୍ନଟ କରିଛି ଦିଲ୍ଲୀ ପୁଲିସ। ତେବେ ନୂଆ ସ୍ଥାନଗୁଡ଼ିକର ଦୂରତା, ଭଡ଼ା, ଆଗୁଆ ବୁକିଂ, ଉପଲବ୍ଧତା ଓ ପ୍ରଭାବ ଆନ୍ଦୋଳନକାରୀଙ୍କ ପାଇଁ ଚିନ୍ତାଜନକ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଦିଲ୍ଲୀ ପୁଲିସ କମିସନର ଅନୁରାଗ କୁମାର ଅକ୍ଟୋବର ୧୧ରେ ଜାରି କରିଥିବା ନିର୍ଦ୍ଦେଶ ଅନୁସାରେ ଏହି ପରିବର୍ତ୍ତନ ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଥିବା ପୁଲିସ କହିଛି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଶାସକ ବିଜେପି ଲୋକଙ୍କ ଅସନ୍ତୋଷରୁ ଦୂରେଇ ରହିବା ପାଇଁ ଆନ୍ଦୋଳନକାରୀଙ୍କୁ ଦୂରରେ ରଖିବାକୁ ଚାହୁଁଛି ବୋଲି ସେ ଅଭିଯୋଗ କରିଛନ୍ତି। କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ମଧ୍ୟ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଯନ୍ତରମନ୍ତରର



ମାନ୍ୟତା ହଟାଇଦେଲେ ମଧ୍ୟ ପ୍ରତିବାଦର ମନୋଭାବକୁ ଦମନ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।ନୂଆ ସ୍ଥାନଗୁଡ଼ିକର ଦୂରତା ମଧ୍ୟ ଏକ ସମସ୍ୟା। ଯନ୍ତରମନ୍ତର ସଂସଦଠାରୁ ପ୍ରାୟ ୨ କିଲୋମିଟର ଦୂରରେ ଥିବାବେଳେ ରାମଲୀଳାମଇଦାନ ପ୍ରାୟ ୬ କିଲୋମିଟର, ସିବିଡି ମଇଦାନ ପ୍ରାୟ ୧୪ କିଲୋମିଟର ଓ ବୁରାଡ଼ି ମଇଦାନ ପ୍ରାୟ ୨୩ କିଲୋମିଟର ଦୂରରେ ରହିଛି। ଯନ୍ତରମନ୍ତରରେ ପ୍ରାୟ ୩ ହଜାର ଲୋକ ଏକାଠି ହୋଇପାରୁଥିବାବେଳେ ନୂଆ ସ୍ଥାନଗୁଡ଼ିକର କ୍ଷମତା ଅଧିକ। ଫଳରେ ଅଳ୍ପ ସଂଖ୍ୟକ ଆନ୍ଦୋଳନକାରୀ ଏଠାରେ ଏକାଠି ହେଲେ ସେମାନଙ୍କ ପ୍ରତିବାଦର ପ୍ରଭାବ କମ୍ ଦେଖାଯାଇପାରେ। ବିଶେଷକରି ବୁରାଡ଼ି ଓ ସିବିଡି ମଇଦାନରୁ ସଂସଦ ଓ କେନ୍ଦ୍ରୀୟ ପ୍ରଶାସନିକ କାର୍ଯ୍ୟାଳୟ ନିକଟରେ ପ୍ରତିବାଦର ପ୍ରଭାବ ପହଞ୍ଚାଇବା ତୁଳନାତ୍ମକ ଭାବେ କଷ୍ଟକର ହୋଇପାରେ।ଅନ୍ୟପକ୍ଷରେ, ରାମଲୀଳା ମଇଦାନରେ ବଡ଼ ଧରଣର କାର୍ଯ୍ୟକ୍ରମ ପାଇଁ ଦୈନିକ ୫୦ ହଜାର ଟଙ୍କା ଭଡ଼ା ସହ ୫୫ ହଜାର ଟଙ୍କା ଫେରସ୍ତଯୋଗ୍ୟ ସିକ୍ୟୁରିଟି ଡିପୋଜିଟ୍ ଦେବାକୁ ପଡୁଛି। ଟିକସ ସହ ଗୋଟିଏ ଦିନ ପାଇଁ ପ୍ରାରମ୍ଭିକ ଖର୍ଚ୍ଚ ପ୍ରାୟ ୧ ଲକ୍ଷ ଟଙ୍କାରୁ ଅଧିକ ହେଉଛି। ସୋମବାର ପ୍ରକାଶିତ ରିପୋର୍ଟ ଅନୁସାରେ, ବର୍ଷ ଶେଷ ପର୍ଯ୍ୟନ୍ତ ରାମଲୀଳା ମଇଦାନରେ ବୁକିଂ ପାଇଁ ମାତ୍ର ତିନୋଟି ଦିନ ଖାଲି ଥିଲା। ଏହାର ଅର୍ଥ, ଆନ୍ଦୋଳନକାରୀଙ୍କୁ ମନଇଚ୍ଛା ଯେକୌଣସି ଦିନ ପାଇଁ ସ୍ଥାନ ମିଳିବା କଷ୍ଟକର ହୋଇପାରେ।ଆମ୍ ଆଦ୍ମୀ ପାର୍ଟିର ଦିଲ୍ଲୀ ମୁଖ୍ୟ ସୌରଭ ଭରଦ୍ୱାଜ ରାମଲୀଳା ମଇଦାନରେ ପୂର୍ବରୁ ଧାର୍ଯ୍ୟ କାର୍ଯ୍ୟକ୍ରମ ଯୋଗୁଁ ପ୍ରତିବାଦ ପାଇଁ ସ୍ଥାନ ମିଳିବା ନେଇ ପ୍ରଶ୍ନ ଉଠାଇଛନ୍ତି। ବ୍ୟବସାୟୀ ସଂଗଠନ ଚେମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଅଲ୍ ଇଣ୍ଡିଆ ମୋଟର ଆଣ୍ଡ ଗୁଡ୍ସ ଟ୍ରାନ୍ସପୋର୍ଟ ଆସୋସିଏସନ୍ ମଧ୍ୟ ରାମଲୀଳା ମଇଦାନରେ ବଡ଼ ସମାବେଶ ଯୋଗୁଁ ବ୍ୟବସାୟ, ମାଲ୍ ପରିବହନ ଓ ଯାତାୟାତ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ କରିଛନ୍ତି।୨୦୧୭ରେ ଜାତୀୟ ସବୁଜ ପ୍ରାଧିକରଣ ଯନ୍ତରମନ୍ତରରେ ଆନ୍ଦୋଳନ ଉପରେ କଟକଣା ଲଗାଇଥିଲେ। କିନ୍ତୁ ୨୦୧୮ରେ ସୁପ୍ରିମ୍କୋର୍ଟ ସମ୍ପୂର୍ଣ୍ଣ ନିଷେଧାଦେଶକୁ ରଦ୍ଦ କରି ଆନ୍ଦୋଳନକାରୀଙ୍କ ଅଧିକାର ଓ ସ୍ଥାନୀୟ ବାସିନ୍ଦାଙ୍କ ଶାନ୍ତିପୂର୍ଣ୍ଣ ଜୀବନ ମଧ୍ୟରେ ସନ୍ତୁଳନ ରଖିବାକୁ କହିଥିଲେ। ଏବେ ନୂଆ ସ୍ଥାନଗୁଡ଼ିକରେ ଆନ୍ଦୋଳନ କରିବା ପାଇଁ ଅନୁମତି, ଦେୟ ଓ ଉପଲବ୍ଧତା ଆଦି ଯେତେ ସମସ୍ୟା ସୃଷ୍ଟି କରିବ ନାହିଁ, ଯନ୍ତରମନ୍ତର ପରି ତାହା ସେତେଟା ଫଳପ୍ରଦ ଓ ପ୍ରଭାବକ ହେବା ନେଇ ସନ୍ଦେହ ଥିବାରୁ ଆନ୍ଦୋଳନକାରୀ ଚିନ୍ତିତ ହେବା ସ୍ୱାଭାବିକ। ସେଥିପାଇଁ ସରକାର ଗଣତାନ୍ତ୍ରିକ ପ୍ରତିବାଦର ଅଧିକାର ଛଡ଼ାଇ ନେବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଛନ୍ତି।

# ବିରୋଧୀ ମେଣ୍ଟ ପଛକୁ ହଟିବନି : ରାହୁଲ



ନୂଆଦିଲ୍ଲୀ : ଏସ୍ଆଇଆର ଓ ଭୋଟ ଚୋରି ପ୍ରସଙ୍ଗରେ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ ପଛକୁ ହଟିବ ନାହିଁ। ପ୍ରୋଟେଷ୍ଟ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଲଢେଇ ଜାରି ରହିବ। ଗତକାଲି ଯାହା ଦେଖିବାକୁ ମିଳିଥିଲା ତାହା କେବଳ ରାଜନୈତିକ ଦଳଗୁଡିକର ମତ ନୁହେଁ ବରଂ ଦେଶ ଜନସାଧାରଣଙ୍କ ଭାବନାର ପ୍ରତିଫଳନ। ଆମକୁ ସମର୍ଥନ କରିଥିବା ସମସ୍ତଙ୍କୁ ଧନ୍ୟବାଦ। ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପୁନଃ ସୁଦୃଢ଼ କରିବା ପାଇଁ ଶେଷ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି।

ଗତକାଲି ଇଣ୍ଡିଆ ବ୍ଲକର ବିଶାଳ ପ୍ରତିବାଦ ଶୋଭାଯାତ୍ରା ପରେ ଆଜି ରାହୁଲ ତାଙ୍କ ବାସଭବନରେ ଇଣ୍ଡିଆ ବ୍ଲକର ସବୁ ନେତାମାନଙ୍କୁ ନିଜ ବାସଭବନକୁ ଡାକି ଚା ଭୋଜିରେ ଆପ୍ୟାୟିତ କରିଥିଲେ। ରାହୁଲ କହିଛନ୍ତି ଯେ, ଆମେ ସମସ୍ତେ ଏକାଠି ରହିଛୁ। ଆଜି ନହେଲେ କାଲି ଆସନ୍ତା ୩ମାସ, ୬ ମାସ କିମ୍ବା ୨ ବର୍ଷ ପରେ ହେଉ ଆମେ ଅଟକିବୁ ନାହିଁ। ଆମ ଶେଷ ଲକ୍ଷ୍ୟ ହାସଲ କରିବୁ। ସୁପ୍ରିମକୋର୍ଟ ଏବଂ ନ୍ୟାୟ ବ୍ୟବସ୍ଥା ପ୍ରତି ଆମର ସମ୍ମାନ ରହିଛି। କିନ୍ତୁ ରାଜନୈତିକ ପ୍ରତିବନ୍ଧ ଓ ଜନତାଙ୍କ ଲଢେଇ ଜାରି ରହିବ। ଏନସିପି(ଏସପି) ସାଂସଦ ସୁପ୍ରିୟ ସୁଲେ କହିଛନ୍ତି ଯେ, ଇଣ୍ଡିଆ ବ୍ଲକର ସମସ୍ତ ଦଳ ଏକଜୁଟ ଅଛନ୍ତି। ।ଦେଶ ସମ୍ବିଧାନ ଦୁର୍ବଳ ହେଉଥିବାରୁ ଏହି ସୁରକ୍ଷା ଆନ୍ଦୋଳନ ଜାରି ରହିବ।

# ରାହୁଲଙ୍କୁ ଶାହାଙ୍କ କଟାକ୍ଷ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏସଆଇଆର ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ଉପରେ ଦେଶ ଲଦ ନାହିଁ। ୨୦୨୯ରେ କଂଗ୍ରେସ ଚତୁର୍ଥ ଥର ଲାଗି ଲଗାତାର ଲୋକସଭା ନିର୍ବାଚନ ହାରିବ। ୨୦୨୪ ପରେ ଏସଆଇଆର କାର୍ଯ୍ୟକାରୀ ହେବ। ସେତେବେଳକୁ କଂଗ୍ରେସ ପୁଣି ଥରେ ନିର୍ବାଚନ ହାରିବ। ଏସଆଇଆରକୁ ନେଇ ସେ ରାହୁଲଙ୍କୁ ପ୍ରଶ୍ନ କରିଛନ୍ତି ବିଜେପିର ଲୋକପ୍ରିୟତା ଓ ପ୍ରଧାନମନ୍ତ୍ରୀଙ୍କ ଗ୍ରହଣୀୟତାକୁ ଆପଣ ଖାରଜ କରୁଛନ୍ତି । ଚିନ୍ତା କରିବା ଦରକାର ବିଜେପି ଗୁଜରାଟରେ ସ୍ଥାନୀୟ ନିର୍ବାଚନରେ ଭଲ ପ୍ରଦର୍ଶନ କରିଛି। ରାହୁଲଙ୍କ ଛାତ୍ରୋକି ଗୁଞ୍ଜି କାର୍ଯ୍ୟକ୍ରମକୁ ଝୁଟ୍କି ଗୁଞ୍ଜି କାର୍ଯ୍ୟକ୍ରମ ବୋଲି କହିଛନ୍ତି।

## ଚୀନକୁ ଭାରତର ଜବାବ
# ଲଦାଖ' ଭାରତର ଏକ ଅଭିନ୍ନ, ଅବିଭକ୍ତ ଅଂଶ'

ନୂଆଦିଲ୍ଲୀ: ଲଦାଖକୁ ନେଇ ଚୀନ ପକ୍ଷରୁ ଦିଆଯାଇଥିବା ବୟାନ ପରେ ଭାରତ ଏହାର କଡ଼ା ଜବାବ ଦେଇଛି। ବିଦେଶ ମନ୍ତ୍ରଣାଳୟ ପୁଣି ଥରେ କହିଛି ଯେ, ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ଭାରତର ଏକ ଅଭିନ୍ନ ଏବଂ ଅବିଭାଜ୍ୟ ଅଂଶବିଶେଷ। କାହାରି କହିବାରେ ସତ ବଦଳିଯିବ ନାହିଁ। ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଲଦାଖରେ ଥିବା ୨୮ଟି ସ୍ଥାନର ପରିଚୟ 'ସର୍ଭେ ଅଫ୍ ଇଣ୍ଡିଆ'ର ସରକାରୀ ମାନଚିତ୍ରରେ ମାନକ ନାମ ସହିତ କରାଯାଇଛି ଏବଂ ଏହି କାମ ଲଦାଖ କେନ୍ଦ୍ର ଶାସିତ ରାଜ୍ୟ ଏବଂ ସ୍ଥାନୀୟ ହିତାଧିକାରୀମାନଙ୍କ ସହିତ ପରାମର୍ଶ ପରେ କରାଯାଇଛି। ଭାରତର ଲଦାଖସ୍ଥିତ ଅନେକ କ୍ଷେତ୍ରର ଷ୍ଟାଣ୍ଡାର୍ଡ ନାମ ଘୋଷିତ କରିବା ପରେ ମଙ୍ଗଳବାର ଚୀନ ଅଭିଯୋଗ ଆଣିଛି। ଚୀନର ଅଭିଯୋଗ ପରେ ଭାରତ ପ୍ରତିକ୍ରିୟା ଦେଇଛି। ବିଦେଶ ମନ୍ତ୍ରଣାଳୟ କହିଛି ଯେ, ସର୍ଭେ ଅଫ୍ ଇଣ୍ଡିଆର ଲଦାଖ କେନ୍ଦ୍ର ଶାସିତ ରାଜ୍ୟର ମାନଚିତ୍ରରେ ଏହି ସ୍ଥାନଗୁଡ଼ିକୁ ଔପଚାରିକ ଭବେ ଚିହ୍ନିତ କରିବାର ଉଦେଶ୍ୟ ଏହାର ସଠିକ ପରିଚୟକୁ ସୁଗମ କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା।

# ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ପରିସଂଖ୍ୟାନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ: ପି.କେ. ମିଶ୍ର

ନୂଆଦିଲ୍ଲୀ : ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଏକ ସୁଦୃଢ଼, ଭରସାଯୋଗ୍ୟ ଓ ଆଧୁନିକ ପରିସଂଖ୍ୟାନ ବ୍ୟବସ୍ଥାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର କହିଛନ୍ତି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ରାଜ୍ୟ ଯୋଜନା, ଅର୍ଥ ଓ ଆଇଟି ସଚିବମାନଙ୍କ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ସେ ଏହା କହିଛନ୍ତି।ଡକ୍ଟର ମିଶ୍ର କହିଛନ୍ତି ଯେ ପରିସଂଖ୍ୟାନ, ତଥ୍ୟ, ପ୍ରଯୁକ୍ତିବିଦ୍ୟା, ଯୋଜନା ପ୍ରସ୍ତୁତି ଓ ପ୍ରଶାସନ ପରସ୍ପର ସହ ଜଡ଼ିତ। ଏକ ଦୃଢ଼ ପରିସଂଖ୍ୟାନ ବ୍ୟବସ୍ଥା ଦ୍ୱାରା ରାଜ୍ୟ ଓ ଜିଲ୍ଲାସ୍ତରରେ ବିକାଶର ଗତି ମାପିବା, ନୀତିର ପ୍ରଭାବ ଆକଳନ କରିବା ଏବଂ



ବିକାଶରେ ରହିଥିବା ଅଭାବ ଚିହ୍ନଟ କରିବା ସମ୍ଭବ ହେବ। ସେ ଆହୁରି କହିଛନ୍ତି ଯେ ଦେଶର ପରିବର୍ତ୍ତିତ ଆର୍ଥିକ ପରିସ୍ଥିତି ସହ ତାଳ ଦେଇ ପରିସଂଖ୍ୟାନ ବ୍ୟବସ୍ଥାକୁ ଆଧୁନିକ କରିବା ଆବଶ୍ୟକ। ଏଥିପାଇଁ ୨୦୨୨-୨୩କୁ ଆଧାର ବର୍ଷ ଭାବେ ନେଇ ନୂତନ ଜାତୀୟ ଆକାଉଣ୍ଟସ୍ ସିରିଜ୍ ଆରମ୍ଭ କରିବା ସହ ସଂଶୋଧିତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଓ ଶିଳ୍ପ ଉତ୍ପାଦନ ସୂଚକାଙ୍କ ପ୍ରଚଳନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ମେସିନ୍ ଲର୍ଣ୍ଣିଂ, ଭୌଗୋଳିକ ସୂଚନା ପ୍ରଣାଳୀ ଓ ଉପଗ୍ରହ ଚିତ୍ର ଭଳି ଆଧୁନିକ ପ୍ରଯୁକ୍ତି ସରକାରୀ ପରିସଂଖ୍ୟାନର ସଠିକତା ଓ ଉପଯୋଗିତା ବୃଦ୍ଧି କରିପାରିବ। ତେବେ ଏ କ୍ଷେତ୍ରରେ ତଥ୍ୟର ଗୁଣବତ୍ତା, ସ୍ୱଚ୍ଛତା, ଗୋପନୀୟତା ଓ ସୁରକ୍ଷା ସହ କୌଣସି ସାଲିସ୍ କରାଯିବା ଉଚିତ ନୁହେଁ ବୋଲି ସେ ମତ ଦେଇଛନ୍ତି।ରାଜ୍ୟଗୁଡ଼ିକର ବିକାଶକୁ ଠିକ୍ ଭାବେ ଆକଳନ କରିବା ପାଇଁ କେବଳ ଜାତୀୟ ହାରାହାରି ତଥ୍ୟ ଯଥେଷ୍ଟ ନୁହେଁ। ରାଜ୍ୟ, ଜିଲ୍ଲା ଓ ସ୍ଥାନୀୟସ୍ତରର ସୂକ୍ଷ୍ମ ତଥ୍ୟ ଆଧାରରେ ବିକାଶରେ ଥିବା ଅଭାବ ଚିହ୍ନଟ କରିବା ସହ ଉପଯୁକ୍ତ ପଦକ୍ଷେପ ନିଆଯାଇପାରିବ ବୋଲି ସେ କହିଛନ୍ତି।ଶେଷରେ, ଦେଶରେ ଏକ ବିଶ୍ୱସନୀୟ, ସ୍ୱଚ୍ଛ, ପ୍ରଯୁକ୍ତିଭିତ୍ତିକ ଓ ସମନ୍ୱିତ ପରିସଂଖ୍ୟାନ ଭିତ୍ତିଭୂମି ଗଠନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟ ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ଡକ୍ଟର ମିଶ୍ର ଆହ୍ୱାନ ଦେଇଛନ୍ତି।

# ଇସ୍ତଫା ଦେଲେ କେନ୍ଦ୍ରମନ୍ତ୍ରୀ ଏଲ୍ ମୁରୁଗାନ୍

ନୂଆଦିଲ୍ଲୀ: ମୋଦୀ କ୍ୟାବିନେଟରୁ ବିଜେପିର ବରିଷ୍ଠ ନେତା ଏଲ୍. ମୁରୁଗାନ୍ ଇସ୍ତଫା ଦେଇଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରୁଗାନ୍ ରାଜ୍ୟସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ଦୁଗ୍ଧ ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଉଥିବା ମୁରୁଗାନ୍ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତମାତା ଓ ତାମିଲନାଡୁର ସେବା କରିବା ତାଙ୍କ ଜୀବନର ସବୁଠାରୁ ବଡ଼ ସମ୍ମାନ ଥିଲା।'ସେ କହିଛନ୍ତି, "ଦିନମଜୁରିଆଙ୍କ ପୁଅ ହେବାଠାରୁ



ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ମନ୍ତ୍ରିପରିଷଦରେ ସେବା କରିବା ପର୍ଯ୍ୟନ୍ତ ଯାତ୍ରା ମୋ ଜୀବନର ସବୁଠାରୁ ବଡ଼ ସୌଭାଗ୍ୟ ରହିଛି। ଏବେ ମୁଁ ତୃଣମୂଳ ସ୍ତରକୁ ଫେରିବାକୁ ଚାହୁଁଛି। ନିଜ କାର୍ମକର୍ତ୍ତାଙ୍କ ସହ ଠିଆ ହେବାକୁ ଚାହୁଁଛି ଏବଂ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଜେପିକୁ ମଜବୁତ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିବାକୁ ଚାହୁଁଛି।

# ନ୍ୟୁୟର୍କରେ ମହମ୍ମଦ ୟୁନୁସଙ୍କୁ ଘେରିଲେ ବାଂଲାଦେଶୀ ପ୍ରବାସୀ

ନ୍ୟୁୟର୍କ: ବାଂଲାଦେଶ ଅନ୍ତରୀଣ ସରକାରର ପୂର୍ବତନ ମୁଖ୍ୟ ଉପଦେଷ୍ଟା ତଥା ନୋବେଲ ପୁରସ୍କାରବିଜେତା ମହମ୍ମଦ ୟୁନୁସ ଆମେରିକାର ନ୍ୟୁୟର୍କରେ ବାଂଲାଦେଶୀ ପ୍ରବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। ସୋମବାର ନ୍ୟୁୟର୍କର ଜନ୍ ଏଫ୍ କେନେଡି (ଜେଏଫ୍କେ) ଅନ୍ତର୍ଜାତୀୟ ବିମାନବନ୍ଦରରେ କିଛି ବାଂଲାଦେଶୀ ତାଙ୍କୁ ଘେରିଯାଇ ବିଭିନ୍ନ ପ୍ରଶ୍ନ କରିବା ସହ ତାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। 'ଆପଣ ଜଣେ ଆତଙ୍କବାଦୀ। ଆପଣ ବାଂଲାଦେଶରେ ଲୋକଙ୍କୁ ହତ୍ୟା କରିଛନ୍ତି। ଆପଣ ଏଠାକୁ କାହିଁକି ଆସିଛନ୍ତି?' ବୋଲି ଜଣେ ବ୍ୟକ୍ତି ୟୁନୁସଙ୍କୁ ପ୍ରଶ୍ନ କରୁଥିବା ଭିଡିଓରେ ଶୁଣିବାକୁ ମିଳୁଛି। ଅନ୍ୟମାନେ ମଧ୍ୟ ତାଙ୍କୁ ବାଂଲାଦେଶ ଫେରିଯିବାକୁ କହିଥିଲେ। ୟୁନୁସ କତର ଏୟାର୍ୱେଜ୍ର ଏକ ବିମାନରେ ଦୋହାରୁ ନ୍ୟୁୟର୍କ ଆସିଥିଲେ। ସ୍ଥାନୀୟ ସମୟ ସୋମବାର ଅପରାହ୍ଣ ପ୍ରାୟ ୩ଟା ୪୫ ମିନିଟ୍ରେ ବିମାନଟି ଅବତରଣ କରିଥିବା ବେଳେ ଟର୍ମିନାଲ୍-୮ ଅଞ୍ଚଳରେ ପ୍ରାୟ ୪ଟା ୧୦ ମିନିଟ୍ରେ ଏହି ଘଟଣା ଘଟିଥିବା ବାଂଲାଦେଶୀ ଗଣମାଧ୍ୟମର ରିପୋର୍ଟରେ କୁହାଯାଇଛି। ସେତେବେଳେ ୟୁନୁସ ହ୍ୱିଲ୍ଚେୟାରରେ ଥିଲେ। ତାଙ୍କ ସହ ତାଙ୍କ ସହଯୋଗୀ ଲାମିଆ ମୋର୍ସେଦ୍ ମଧ୍ୟ ଥିଲେ। ସୁରକ୍ଷାକର୍ମୀମାନେ ତାଙ୍କୁ ଘଟଣାସ୍ଥଳରୁ ନେଇଯାଇଥିଲେ। ବିକ୍ଷୋଭକାରୀମାନେ ବାଂଲାଦେଶରେ ହଜାର ହଜାର ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଏବଂ ପ୍ରାୟ ୨ ଲକ୍ଷ ଲୋକଙ୍କୁ ଗିରଫ କରାଯାଇଥିବା ଅଭିଯୋଗ ଉଠାଇଥିଲେ। ୟୁନୁସ ଦେଶର ଗଣତନ୍ତ୍ରକୁ ଦୁର୍ବଳ କରିଥିବା ମଧ୍ୟ ସେମାନେ କହିଥିଲେ। ବାଂଲାଦେଶରେ ଶେଖ୍ ହସିନାଙ୍କ ସରକାରର ପତନ ପରେ ୟୁନୁସ ଅନ୍ତରୀଣ ସରକାରର ନେତୃତ୍ୱ ନେଇଥିଲେ। ତାଙ୍କ କାର୍ଯ୍ୟକାଳକୁ ନେଇ ଦେଶରେ ରାଜନୈତିକ ବିବାଦ ଲାଗି ରହିଥିଲା। ଏହି ଘଟଣା ସମ୍ପର୍କରେ ୟୁନୁସ କିମ୍ବା ତାଙ୍କ ପ୍ରତିନିଧିଙ୍କ ପକ୍ଷରୁ ତୁରନ୍ତ କୌଣସି ବିବୃତି ମିଳିନାହିଁ। ବାଂଲାଦେଶରେ ତାଙ୍କ କାର୍ଯ୍ୟକାଳ ଓ ଗ୍ରାମୀଣ ଗ୍ରୁପ୍ ସମ୍ପର୍କରେ ତଦନ୍ତ ଦାବି ଉଠୁଥିବା ସମୟରେ ଏହି ଘଟଣା ଘଟିଛି। ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ପଦ ଛାଡ଼ିବା ପରେ ୟୁନୁସଙ୍କର ଏହା ପ୍ରଥମ ବିଦେଶ ଯାତ୍ରା।



## ସେନାକୁ ଦିଆଯିବ ଉନ୍ନତ ଚାଉଳ

ନୂଆଦିଲ୍ଲୀ: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାର୍ବଜନୀନ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ଉପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଜରୁରୀ ପରିଚାଳନା ପରିସ୍ଥିତିରେ ଭାରତୀୟ ଖାଦ୍ୟ ନିଗମ (ଏଫ୍ସିଆଇ)ର ଭିତ୍ତିଭୂମି ବ୍ୟବହାର କରିବା ପାଇଁ ଏଫ୍ସିଆଇ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏକ ସରକାରୀ ବିବୃତି ଅନୁଯାୟୀ, ଉନ୍ନତମାନର ଏହି ଚାଉଳକୁ ସ୍ଥାନୀୟ ଏଫ୍ସିଆଇ କେନ୍ଦ୍ରରୁ ସେନାର ଡିପୋଗୁଡ଼ିକ ସଂଗ୍ରହ କରିବା ପରିବର୍ତ୍ତେ ସିଧାସଳଖ ସେନାର ଯୋଗାଣ ଡିପୋଗୁଡ଼ିକୁ ପଠାଯିବ। ଏହା ମଧ୍ୟରେ ଲଦାଖ ଓ ଉତ୍ତର-ପୂର୍ବାଞ୍ଚଳର ଡିପୋଗୁଡ଼ିକ ସାମିଲ ରହିଛି। କେନ୍ଦ୍ର ସରକାର ଦୁଇ ବର୍ଷ ପୂର୍ବେ ସାଧାରଣ ଲୋକଙ୍କ ପାଇଁ 'ଭାରତ' ବ୍ରାଣ୍ଡ ଅଧୀନରେ ରିହାତି ଦରରେ ପ୍ୟାକେଟ୍ ଚାଉଳ ବିକ୍ରି ଆରମ୍ଭ କରିଥିଲେ। ଏହା ସହ ସରକାର 'ଭାରତ ଆଟା' ଓ 'ଭାରତ ଡାଲି' ମଧ୍ୟ ବିକ୍ରି କରୁଛନ୍ତି।

## ନିଶା ବିରୋଧୀ କର୍ମୀଙ୍କୁ ଗୁଳି କରି ହତ୍ୟା

ମାନସ: ପଞ୍ଜାବର ମାନସାଠାରେ ମେଡିକାଲ ଦୋକାନରେ ବେଆଇନ ନିଶା କାରବାର ବିରୋଧରେ ପ୍ରତିବାଦ କରିବାରୁ ଜଣେ ନିଶା ବିରୋଧୀ କର୍ମୀଙ୍କୁ ମଙ୍ଗଳବାର ଦିନ ମେଡିକାଲ ଦୋକାନୀ ଗୁଳି କରି ହତ୍ୟା କରିଛି। ମୃତ ପରବିନ୍ଦର ସିଂହ ଝୋଟା, ଯିଏକି ଅବୈଧ ନିଶା ଦ୍ରବ୍ୟର ବେଆଇନ ବିକ୍ରିର ପର୍ଦ୍ଦାଫାସ୍ କରିବା ପାଇଁ ଜଣାଶୁଣା ଥିଲେ, ସେ ଆଜି ନିଜର ଫେସବୁକ୍ ଆକାଉଣ୍ଟରେ ଲାଇଭ୍ କରି ଦୋକାନୀଙ୍କୁ ନିଶା ବିକ୍ରି ନେଇ ପ୍ରଶ୍ନ କରୁଥିବା ସମୟରେ ତାଙ୍କୁ ଗୁଳିକରାଯାଇଛି। ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ପାଞ୍ଚ ମିନିଟର ଭିଡିଓରେ ଝୋଟା ଜଣେ ବୃଦ୍ଧ ବ୍ୟକ୍ତିଙ୍କ ସହିତ ଠିଆ ହୋଇ ସେହି ଦୋକାନରୁ ନିଶା କିଣିଥିବା ଦାବି କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ଦୋକାନୀ ହାତରେ ପିସ୍ତଲ ଧରିଥିବା ଦେଖିବାକୁ ମିଳିଥିଲା।




# ଓଡିଶା ମଣ୍ଡପରେ ହସ୍ତତନ୍ତ ଓ ହସ୍ତଶିଳ୍ପ ମୁଖ୍ୟ ଆକର୍ଷଣ

ନୂଆଦିଲ୍ଲୀ : ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋ ସେଣ୍ଟର ଆଣ୍ଡ ମାର୍ଟରେ ଆରମ୍ଭ ହୋଇଛି ୬୨ତମ ଆଇଏଚଜିଏଫ୍ ଦିଲ୍ଲୀ ଅଟମ୍ ଫେୟାର। ଏହି ଅନ୍ତର୍ଜାତୀୟ ମେଳାରେ ଓଡ଼ିଶାର ସମୃଦ୍ଧ କଳା ଓ ବୟନ ଐତିହ୍ୟକୁ ପ୍ରଦର୍ଶିତ କରୁଥିବା 'ଓଡ଼ିଶା ମଣ୍ଡପ'କୁ ମଙ୍ଗଳବାର ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଉଦଘାଟନ କରିଛନ୍ତି।ଏହି ମଣ୍ଡପରେ ପଟ୍ଟଚିତ୍ର, ଟେରାକୋଟା, ପଥର ଖୋଦେଇ, ପିପିଲି ଚାନ୍ଦୁଆ, ଶାମୁକା କାରୁକାର୍ଯ୍ୟ, ସବାଇ ଘାସ ଓ ଢୋକ୍ରା ଶିଳ୍ପ ଭଳି ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶିତ ହେଉଛି। ସେହିପରି ସମ୍ବଲପୁରୀ, ବମକାଇ, ଖଣ୍ଡୁଆ, କୋଟପାଡ଼, ଗୋପାଳପୁର ଟସର ଓ ହବସପୁରୀ ଶାଢ଼ି ସହ ଓଡ଼ିଶା ଇକତ୍ର ବିଭିନ୍ନ ଉତ୍ପାଦ ଦର୍ଶକଙ୍କ



ଆକର୍ଷଣ ପାଲଟିଛି।ହସ୍ତତନ୍ତରେ ପ୍ରସ୍ତୁତ ଲାପଟପ୍ ବ୍ୟାଗ୍, ବେଡ୍ସିଟ୍, ଜ୍ୟାକେଟ୍, ଫାଇଲ୍, ପର୍ସ ଓ ଘରସଜା ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହେଉଛି। ଏଥିସହ ବିଭିନ୍ନ ପ୍ରକାର ରେଶମ ସୂତା ପ୍ରସ୍ତୁତିର ଲାଇଭ୍ ଡେମୋ ଦର୍ଶକଙ୍କୁ ଆକର୍ଷିତ କରୁଛି। ଓଡ଼ିଶାର କାରିଗରଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ଓ ପାରମ୍ପରିକ ଡିଜାଇନ୍କୁ ଦେଶବିଦେଶର ବ୍ୟବସାୟୀ ଓ ଗ୍ରାହକ ପସନ୍ଦ କରିବା ସହ ବିଭିନ୍ନ ଉତ୍ପାଦ ପାଇଁ ଅର୍ଡର ଦେଉଛନ୍ତି।ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ବିଶେଷ ଚାହିଦା ରହିଛି। ଏହି ମେଳା ମାଧ୍ୟମରେ ରାଜ୍ୟର ବୁଣାକାର ଓ କାରିଗରମାନେ ନୂଆ ବଜାର ସହ ଯୋଡ଼ିହେବା ସହ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇପାରିବେ ବୋଲି ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି।ଅକ୍ଟୋବର ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଆବାସିକ ଆୟୁକ୍ତ ସୁଚରିତା ଷଡ଼ଙ୍ଗୀ, ବିଭାଗର ଅତିରିକ୍ତ ଶାସନ ସଚିବ ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଇଣ୍ଡିଆ ଏକ୍ସପୋ ସେଣ୍ଟର ଆଣ୍ଡ ମାର୍ଟର ସିଇଓ ସୁଦୀପ ସମରେନ୍ଦ୍ର ସରକାର ଏବଂ ଫିକିର ଅତିରିକ୍ତ ନିର୍ଦ୍ଦେଶକ ବ୍ରଜ କିଶୋର ନାୟକଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗ ଦେଇଥିଲେ।

# ଏସୀୟ ପାରା କ୍ରୀଡ଼ା ପାଇଁ ୧୬୬ ଜଣିଆ ଭାରତୀୟ ଦଳ

ନୂଆଦିଲ୍ଲୀ, ୧୩।୧୦(ଏଜେନ୍ସି) : ଜାପାନର ଆଇଚି-ନାଗୋୟାଠାରେ ଅକ୍ଟୋବର ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୨୦୨୬ ଏସୀୟ ପାରା କ୍ରୀଡ଼ା ପାଇଁ ଭାରତର ୧୬୬ ଜଣିଆ କ୍ରୀଡ଼ାବିତ୍ ଦଳକୁ ଅନୁମୋଦନ ମିଳିଛି। ମୋଟ ୨୭୫ ଜଣିଆ ଭାରତୀୟ ଦଳରେ ୧୧୧ ଜଣ ପୁରୁଷ ଓ ୫୫ ଜଣ ମହିଳା କ୍ରୀଡ଼ାବିତ୍ ରହିଛନ୍ତି। ଏହି ମହାଦେଶୀୟ ପ୍ରତିଯୋଗିତାରେ ଭାରତ ୧୦ଟି କ୍ରୀଡ଼ାରେ ଭାଗନେବ। ଭାରତୀୟ ଦଳରେ ପାରା ତୀରନ୍ଦାଜ ଶୀତଳ ଦେବୀ, ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଓ ପାରା ଟେବୁଲ୍ ଟେନିସ୍ ଖେଳାଳି ଭାବିନା ପଟେଲଙ୍କ ଭଳି ଅଭିଜ୍ଞ କ୍ରୀଡ଼ାବିତ୍ ରହିଛନ୍ତି। ଶୀତଳ ପୂର୍ବ ଏସୀୟ ପାରା କ୍ରୀଡ଼ାରେ ଦୁଇଟି ସ୍ୱର୍ଣ୍ଣପଦକ ଜିତିଥିବାବେଳେ ପ୍ରମୋଦ ଭଗତ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଭାବିନା ପଟେଲ ମଧ୍ୟ ଟୋକିଓ ପାରାଲିମ୍ପିକ୍ସରେ ରୌପ୍ୟପଦକ ଜିତି ଦେଶ ପାଇଁ ଗୌରବ ଆଣିଥିଲେ। କ୍ରୀଡ଼ାଭିତ୍ତିକ ଦଳ ଗଠନରେ ପାରା ଦୌଡ଼କୁଦରେ ସର୍ବାଧିକ ୬୨ ଜଣ କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି। ପାରା ବ୍ୟାଡମିଣ୍ଟନରେ ୨୮ ଜଣ, ପାରା ସନ୍ତରଣରେ ୧୬ ଜଣ, ପାରା ଗୁଳିଚାଳନାରେ ୧୩ ଜଣ, ପାରା ତୀରନ୍ଦାଜରେ ୧୧ ଜଣ ଏବଂ ପାରା ଟେବୁଲ୍ ଟେନିସ୍‌ରେ ୧୦ ଜଣ ଖେଳାଳି ରହିଛନ୍ତି। ସେହିପରି ଦୃଷ୍ଟିବାଧିତ ଫୁଟ୍‌ବଲ୍‌ରେ ୧୦ ଜଣ, ପାରା ଭାରୋତ୍ତୋଳନରେ ୮ ଜଣ, ପାରା ଜୁଡୋରେ ୭ ଜଣ ଏବଂ ପାରା ସାଇକେଲ୍ ଚାଳନାରେ ଜଣେ ଖେଳାଳି ଭାରତର ପ୍ରତିନିଧିତ୍ୱ କରିବେ। ଏହି ଦଳରେ ଓଡ଼ିଶାର ଚାରି ଜଣ କ୍ରୀଡ଼ାବିତ୍ ପାୟଲ ନାଗ, ସୁଚିତ୍ରା ପରିଡ଼ା, ଜୟନ୍ତୀ ବେହେରା ଓ ପ୍ରମୋଦ ଭଗତ ସ୍ଥାନ ପାଇଛନ୍ତି। ପାୟଲ ପାରା ତୀରନ୍ଦାଜରେ, ସୁଚିତ୍ରା ଜାଭେଲିନ୍ ଥ୍ରୋରେ, ଜୟନ୍ତୀ ଦୌଡ଼କୁଦରେ ଏବଂ ପ୍ରମୋଦ ପାରା ବ୍ୟାଡମିଣ୍ଟନରେ ଭାରତ ପକ୍ଷରୁ ଖେଳିବେ। ଏହି ଚୟନ ରାଜ୍ୟର ପାରା କ୍ରୀଡ଼ା କ୍ଷେତ୍ର ପାଇଁ ଉଲ୍ଲେଖନୀୟ।










# ରଣଜୀ ଟ୍ରଫି
## ମ୍ୟାଚ ବଞ୍ଚାଇବାକୁ ଓଡିଶାର ସଂଘର୍ଷ

ଅହମ୍ମଦାବାଦ, ୧୩।୧୦(ଏଜେନ୍ସି) : ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ ସି ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡିଶା ମ୍ୟାଚ ବଞ୍ଚାଇବାକୁ ଲଢେଇ ଜାରି ରଖିଛି। ଗୁଜରାଟ ବିପକ୍ଷ ଏହି ମ୍ୟାଚରେ ଓଡିଶା ପ୍ରଥମ ପାଳିରେ ୩୨୪ ରନ କରିଥିଲା। ଜବାବରେ ଗୁଜରାଟ ୪୩୯ ରନ କରି ଇନିଂସ ଅଗ୍ରଣୀ ହୋଇଥିଲା। ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଓଡିଶା ଦଳ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ୩୦ ଓଭରରେ ୪ ୱିକେଟ ହରାଇ ୧୧୯ ରନ କରିଛି। ମ୍ୟାଚର ଆଉ ଗୋଟିଏ ଦିନ ଖେଳ ବାକି ଥିବା ବେଳେ ଓଡିଶା ମାତ୍ର ୪ ରନରେ ଅଗ୍ରଣୀ ରହିଛି। ସନ୍ଦୀପ ପଟ୍ଟନାୟକ ୪୧ ଓ ସମ୍ବିଦ ବେଜା ୧ ରନ କରି ଅପରାଜିତ ଅଛନ୍ତି। ଯଦି ମ୍ୟାଚ ଡ୍ର ରହେ ତେବେ ଇନିଂସ ଅଗ୍ରଣୀ ଦୃଷ୍ଟିରୁ ଗୁଜରାଟ ୩ ପଏଣ୍ଟ ହାସଲ କରିବ ନଚେତ୍ ଓଡିଶାର ପଏଣ୍ଟ ହାସଲରେ ବିଳମ୍ବିତ ହେବ। ତେଣୁ ଚତୁର୍ଥ ଦିନ ପ୍ରଥମ ଅଧିବେଶନରେ ଗୁଜରାଟ ଭ୍ରମଣକାରୀ ଓଡିଶାକୁ ଅଲଆଉଟ୍ କରି ବିଜୟ ସନ୍ଧାନରେ ରହିବ।



ଦ୍ୱିତୀୟ ଦିନର ସମାପ୍ତ ଇନିଂସ ୨୦୫/୨ ରୁ ଗୁଜରାଟ ଖେଳ ଆରମ୍ଭ କରିଥିଲା। ବେଦାନ୍ତ ତ୍ରିବେଦୀ ୯୪ ଓ ମନନ ହିଙ୍ଗରାଜିଆ ୧୩ ରନରୁ ଖେଳ ଆରମ୍ଭ କରିଥିଲେ। ଶତକ ପୂରଣ ପରେ ବେଦାନ୍ତ ୧୦୮ ରନ କରି ରାଜେଶ ମହାନ୍ତିଙ୍କ ବଲରେ ବୋଲ୍ଡ ହୋଇଥିଲେ। ମନନ ମାତ୍ର ୧୬ ରନ କରି ଲଳିତ ଯାଦବଙ୍କ ଶିକାର ହୋଇଥିବା ବେଳେ ଉରଭିଲ ପଟେଲ ୮୫, ବିଶାଲ ଜୟସ୍ୱାଲ ୨୫, ଚିନ୍ତନ ଗାଜା ୫, ହର୍ଷାଲ ପଟେଲ ୬୦ ଏବଂ ଅର୍ଜାନ ନାଗେଶୱାଲା ୨୮ ରନ କରି ପାଭିଲିୟନ ଫେରିଥିଲେ। ପୂର୍ବରୁ ଆର୍ଯ୍ୟ ଦେସାଇ ୯୪ ରନର ଇନିଂସ ଖେଳିଥିଲେ। ତେଣୁ ଗୁଜରାଟ ଦଳ ପ୍ରଥମ ପାଳିରେ ୧୦୬.୪ ଓଭରରେ ୪୩୯ ରନ କରି ଅଲଆଉଟ୍ ହୋଇଥିଲା। ଓଡିଶାର ବାଦଲ ବିଶ୍ୱାଳଙ୍କୁ ସର୍ବାଧିକ ୫ ୱିକେଟ, ରାଜେଶ ମହାନ୍ତି ଓ ଲଳିତ ଯାଦବ ଦୁଇଟି ଲେଖାଏଁ ତଥା ନିନାଦ ରଥଭ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ। ଏହାପରେ ଓଡିଶା ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା। ଓମ୍ ଟି ମୁଣ୍ଡେ ଏବଂ ଶୁଭ୍ରାଂଶୁ ସେନାପତି ଖାତା ଖୋଲିପାରିନଥିଲେ। ୧୩ ରନ ସ୍କୋରରେ ୨ ୱିକେଟ ହରାଇ ଥିଲା ଓଡିଶା। ଶତକୀୟ ଇନିଂସ ଖେଳିଥିବା ଗୌରଭ ଚୌଧୁରୀ ୧୮ ରନ କରି ପାଭିଲିୟନ ଫେରିଥିବାବେଳେ ନିନାଦ ରଥଭ ୫୭ ବଲରୁ ୫୩ ରନର ଇନିଂସ ଖେଳିଥିଲେ। ସନ୍ଦୀବ ୮୨ ବଲରୁ ୪୧ ଏବଂ ସମ୍ବିତ ବେଜା ୧ ରନ କରି ଅପରାଜିତ ଅଛନ୍ତି। ବୋଲିଂରେ ଗୁଜରାଟ ଆର୍ଯ୍ୟନ ନାଗେଶୱାଲା ସର୍ବାଧିକ ୩ ଟି ଓ ହର୍ଷାଲ ପଟେଲଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଛି।

# ୟୁନି ଲାଇଟ୍ କପ୍ → ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଚାମ୍ପିଅନ



ଭୁବନେଶ୍ୱର, ୧୩।୧୦(ସବ୍ୟୁ) : ଭୁବନେଶ୍ୱର ଭେଟେରାନ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୟୁନି ଲାଇଟ୍ କ୍ଲବ ରାଜ୍ୟ ସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ଚାମ୍ପିଅନ ହୋଇଛି। ଫାଇନାଲରେ ଓଡିଏମ୍ ୪-୧ ଗୋଲରେ କିସ୍ ସ୍କୁଲକୁ ପରାସ୍ତ କରି ଟ୍ରଫି ହାସଲ କରିଛି। ଆୟୁଷ ଗୋପେ ୩ ଟି ଓ ସରୋଜ କିସକୋ ଗୋଟିଏ ଗୋଲ କରିଥିଲେ। କିସର ଶୁଭମ୍ ଧରୁଆ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଜଗନ୍ନାଥ ପ୍ରଧାନ, ଶେଖ୍ ମକବୁଲ ଅଲ୍ଲୀ, ୟୁନି ଲାଇଟ୍ କପ୍‌ର ଉପସଭାପତି ଦେବବ୍ରତ ମହାନ୍ତି ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଫରୱାର୍ଡ କିସ୍ ସ୍କୁଲର ଉପେନ୍ଦ୍ର ଅମାନ୍ତ୍ୟ, ଶ୍ରେଷ୍ଠ ହାଫ ଆଶିଷ କୁମାର(ଓଡିଏମ୍ ସ୍କୁଲ), ଶ୍ରେଷ୍ଠ ଗୋଲ କିପର ଶ୍ରେଷ୍ଠ ସାମନ୍ତ, ଶ୍ରେଷ୍ଠ ଡିଫେଣ୍ଡର ଦୀପ ପ୍ରକାଶ ବରୁଆଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚରେ ରେଫରୀ ବିଜୟ ମଙ୍ଗରାଜ , ଶିବ ସାମନ୍ତରାୟ, ଟି ମୋହନ ରାଓ ପ୍ରମୁଖ ପରିଚାଳନା କରିଥିଲେ। ନବରଞ୍ଜନ ପଟ୍ଟନାୟକଙ୍କ ପୌରାହିତ୍ୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।
















Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି